## ସଂକ୍ଷେପରେ

### କାନ୍ଥ ଭାଙ୍ଗିଦେଲା ହାତୀ, ମା-ଝିଅ ଆହତ

ଯୋଡ଼ା,୩।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ବାମେବାରୀ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତ ଜଳଡ଼ିସାହିରେ ଶୁକ୍ରବାର ରାତ୍ରିରେ ଏକ ହାତୀ ଜଣଙ୍କ ମାଟି ଘର କାନ୍ଥ ଭାଙ୍ଗି ଦେଇଛି। କାନ୍ଥ ପଡ଼ି ସାହିର ରାଜେନ୍ଦ୍ର ବେହେରାଙ୍କ ସ୍ତ୍ରୀ ଶାନ୍ତିଲତା ଓ ୧୦ ବର୍ଷର ଝିଅ ପୂର୍ଣ୍ଣିମା ଆହତ ହୋଇଛନ୍ତି। ପଡ଼ୋଶୀଙ୍କ ଚିତ୍କାର ପରେ ହାତୀଟି ଚାଲି ଯିବାରୁ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଥିବା କହିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ବିନୋଦ ବିହାରୀ ବେହେରା, ରୁପଶ୍ରୀ ସାହୁ ପହଞ୍ଚି ମା'-ଝିଅଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଞ୍ଚଳରେ କିଛି ଦିନ ହେବ ୨୨ଟି ହାତୀ ଉପଦ୍ରବ ଚଳାଇଛନ୍ତି।

### ସ୍କୁଲ୍, କଲେଜ ଶିକ୍ଷକ ସମିତି ପକ୍ଷରୁ ଦାବିପତ୍ର

ବେତନଟୀ,୩।୧୨(ସ୍ୱ.ପ୍ର.): ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବେତନଟୀ ବ୍ଲକ୍ ଶାଖା ପକ୍ଷରୁ ୮ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମଙ୍କୁ ପ୍ରଦାନ କରିଛନ୍ତି। ସପ୍ତମବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ କରିବା, ସ୍କୁଲ ଏବଂ କଲେଜ ଗୁଡ଼ିକୁ ଚୟନ କରାଯାଇ ଗ୍ରାଣ୍ଟ୍-ଇନ-ଏଡ୍ ବ୍ୟବସ୍ଥା ପ୍ରଦାନ କରିବା, କାର୍ଯ୍ୟରତ ଶିକ୍ଷକ ଏବଂ କର୍ମଚାରୀମାନଙ୍କର ଅବସର ବୟସସୀମା ୬୦ରୁ ୬୨କୁ ବୃଦ୍ଧିକରିବା, ଜରୁରୀକାଳିନ ଭିତ୍ତିରେ ସମସ୍ତ ଏଡେଡ ସ୍କୁଲ ଏବଂ କଲେଜମାନଙ୍କୁ ସରକାରୀ ମାନ୍ୟତା, ଖାଲିପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷା କର୍ମଚାରୀ ନିଯୁକ୍ତ କରିବା ଦାବି କରାଯାଇଛି। ଓଷ୍ଟା ଶିକ୍ଷକସଂଘର ଜିଲା ଯୁଗ୍ମ ସମ୍ପାଦକ କିଶୋର ଆଚାର୍ଯ୍ୟ, ସଂଘର ବେତନଟୀବ୍ଲକ୍ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକଗଣ ଉପସ୍ଥିତ ରହିଥିଲେ।

### ହିନ୍ଦୁ ଜାଗରଣ ମହାସମ୍ମିଳନୀ, ଧୂନି ମହାଯଜ୍ଞ



ରୂପସା, ୩।୧୨(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ପାଟପୁର ବଜାର ଦୁର୍ଗା ମଣ୍ଡପଠାରେ ଅଖଣ୍ଡ ଭାରତ ବିଶ୍ୱ ହିନ୍ଦୁ ମହାମଞ୍ଚ ଆନୁକୂଲ୍ୟରେ ହିନ୍ଦୁ ଜାଗରଣ ମହା ସମ୍ମିଳନୀ ଓ ଧୂନି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅଲେଖ ମହିମା ଧର୍ମର ସାଧୁ ବାବୁରାମ ଦାସ, ଗୁଣାକର ଦାସ, ସୁର ଦାସ ଓ ଅନନ୍ତ ଦାସ ବାବାଜୀ ପ୍ରମୁଖ ଧୂନି ଯଜ୍ଞ ସହ ଅଲେଖ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଏକ ବିଶାଳ ଶୋଭାଯାତ୍ରାରେ ପଦ୍ମପୋଖରୀରୁ ଘଟୋତ୍ତଳନ ହୋଇଥିଲା। ଏହି ଅବସରରେ କାର୍ଗିଲ ଯୋଦ୍ଧା ଆଘିରିଆ ଗ୍ରାମର ରବୀନ୍ଦ୍ର କୁମାର ଜେନାଙ୍କୁ ମହାମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାମଞ୍ଚର ସଂଯୋଜକ ଶାନ୍ତନୁ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ କର୍ମକର୍ତ୍ତା ରମେଶ ଦାସ, ମନ୍ମଥ ବେହେରା, ବିରଞ୍ଚି ଲେଙ୍କା, ପ୍ରଶାନ୍ତ ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ନରଶପୁର ପଞ୍ଚାୟତ ଦୁର୍ନୀତିର ତଦନ୍ତ ଆରମ୍ଭ

ନୀଳଗିରି, ୩।୧୨(ସ୍ୱ.ପ୍ର.)



ଅନିୟମିତତା ନେଇ ଅଧିକାରୀମାନେ ତଦନ୍ତ ଆରମ୍ଭ କରୁଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନରଶପୁର ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି। ଉନ୍ନୟନମୂଳକ କାର୍ଯ୍ୟ ନ ହୋଇ ମିଥ୍ୟା ବିଲ କରି ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଶୁକ୍ରବାର ନୀଳଗିରି ବ୍ଲକ ତରଫରୁ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି। ନୂଆସାହି ମହାବଳି ପୋଖରୀ ଆଡ଼ିରେ ୧ଲକ୍ଷ ୭୪ହଜାର ଟଙ୍କାର ଚାରାରୋପଣ ଓ ସାତଖୋଲିଆ ଡ୍ୟାମ୍‌ରେ ପୂର୍ବରୁ ହୋଇଥିବା ବିଭିନ୍ନ ଯୋଜନାରେ ଏସ୍‌ଏଫ୍‌ସି, ଏମ୍‌ଜିଏନଆରଇଜିଏସ୍‌ରେ ୩ଟି ରେକର୍ଡ଼କୁ ଅନୁଧ୍ୟାନ କରାଯାଇଛି। ତତ୍କାଳୀନ ଦାୟିତ୍ୱରେ ଥିବା ୨ କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଚକ୍ରବର୍ତ୍ତୀ ଓ ସରପଞ୍ଚ ପ୍ରମୁଖ ତଦନ୍ତ ବେଳେ ସହଯୋଗ କରିଥିଲେ। ତଦନ୍ତ ଆରମ୍ଭରୁ ନୂଆସାହି ମହାବଳି ପୋଖରୀ ଆଡ଼ିରେ ବୃକ୍ଷରୋପଣ ନ ହୋଇ ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଆଗକୁ ତଦନ୍ତ ଆଗେଇଲେ ନୂଆ ନୂଆ କଥା ବାହାରକୁ ଆସିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

ନରଶପୁର ପଞ୍ଚାୟତରେ ଡ୍ରେନ୍ ନ ଥାଇ ବିଲ୍ ହେବା, ଡ୍ରେନ୍ ସଫା, ଚେକଡ୍ୟାମ୍ ନିର୍ମାଣ, ବୃକ୍ଷରୋପଣ ନାମରେ ଅର୍ଥ ଲୁଟ୍ ସହ ସାତଖୋଲିଆ ଡ୍ୟାମ୍‌ରେ ବିଭିନ୍ନ ସମୟରେ କାର୍ଯ୍ୟର ନାମ ବଦଳାଇ ଲକ୍ଷାଧିକ ଟଙ୍କାର ମିଛ ବିଲ ତତ୍କାଳୀନ ପଞ୍ଚାୟତ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଆତ୍ମସାତ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ ଓ ଭିଜିଲାନ୍ସଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଦୁର୍ନୀତିର ଖୋଳତାଡ଼ କରିବା ପାଇଁ ଭିଜିଲାନ୍ସ ବିଭାଗ ନୀଳଗିରି ବ୍ଲକରୁ ୮ଟି ଫାଇଲ୍ ନେଇଥିଲେ, ହେଲେ ତଦନ୍ତ ଆଗକୁ ଆଗେଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ସତ୍ୟତା ଥିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂର୍ବରୁ ଜିଲାପାଳ ପ୍ରକାଶ କରିଥିଲେ।

# ବ୍ଲକ ପରିସରରେ ପଞ୍ଚାୟତବାସୀଙ୍କ ଆମରଣ ଅନଶନ



ବ୍ଲକ ପରିସରରେ ଗୋପୀନାଥପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଆମରଣ ଅନଶନ କରାଯାଇଛି।

ଭୋଗରାଇ, ୩।୧୨(ଡି.ଏନ.ଏ.)

ଏମ୍‌ଜିଏନଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସରରେ ଗୋପୀନାଥପୁର ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଶନିବାର ଆମରଣ ଅନଶନ କରିଛନ୍ତି। ଆନ୍ଦୋଳନକାରୀମାନେ ପ୍ଲାକାର୍ଡ଼ ଧରି ଦୀର୍ଘ ସମୟ ଧରି ନାରାବାଜି ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ଏହି ଅନଶନକୁ ସମର୍ଥନ ଜଣାଇ ଶତାଧିକ ଲୋକ ଅନଶନରେ ସାମିଲ ହେବାରୁ ସ୍ଥିତି ଜଟିଳ ହେବାରେ ଲାଗିଛି।

ଏହି ପଞ୍ଚାୟତରେ ୨୦୨୦ରୁ ଅଦ୍ୟାବଧି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ଅନୁଯାୟୀ ୮ଟି ଗ୍ରାମର ସରକାରୀ ଅର୍ଥରାଶିକୁ ପଞ୍ଚାୟତ କର୍ମଚାରୀ, ବ୍ଲକ କର୍ମଚାରୀ ଓ ଅସାଧୁ ବ୍ୟକ୍ତିମାନେ ଦୁର୍ନୀତି କରିଥିବା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏହି ଘଟଣାରେ ପଞ୍ଚାୟତବାସୀ ବିଡିଓ, ଜିଲାପାଳ, ଭିଜିଲାନ୍ସ ବିଭାଗ ସହ ରାଜ୍ୟ ଉଚ୍ଚପଦାଧିକାରୀଙ୍କୁ ଲିଖିତ ଅଭିଯୋଗ କଲା ପରେ ଗତ ୧ତାରିଖରେ ଜିଲା ଭିଜିଲାନ୍ସ ବିଭାଗ ପଞ୍ଚାୟତରେ ପହଞ୍ଚି ଜିଆର୍‌ଏସ୍ ଚନ୍ଦନ କୁମାର ଦାସଙ୍କ ସହିତ ଅନ୍ୟମାନଙ୍କୁ ପଚରାଉଚୁରା କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନ କରାଯାଇଛି। ଆନ୍ଦୋଳନକାରୀଙ୍କ ମଧ୍ୟରୁ ନୀଳକଣ୍ଠ ଘୋଷ, ଅମଳେନ୍ଦୁ ଦାସ, ସତ୍ୟନାରାୟଣ ସାମଲ, ଗୌତମ ଜେନା, ରୁଦ୍ର ପ୍ରସାଦ ଘୋଷ, କବିତା ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ସାମିଲ ଥିଲେ। ଖବର ଲେଖା ପର୍ଯ୍ୟନ୍ତ ଅନଶନକାରୀଙ୍କ ମଧ୍ୟରୁ ୪ଜଣ ଅସୁସ୍ଥ ହୋଇପଡ଼ିଥିବା ସୂଚନା ମିଳିଛି।

# ଆଦର୍ଶ ବିଦ୍ୟାଳୟ ହଷ୍ଟେଲ୍ ଉଦ୍‌ଘାଟିତ




ନୂତନ ଗୃହରେ ଅତିଥିମାନେ।

ଢେଙ୍କିକୋଟ,୩।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ ଟିକିରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୨ ନୂତନ ହଷ୍ଟେଲ୍ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବେ ଢେଙ୍କିକୋଟ ବିକାଶ ମଞ୍ଚ ସଭାପତି ପ୍ରଫେସର ଯୁଗୋଳକିଶୋର ଦାସ, ସମ୍ମାନିତ ଅତିଥି ଭାବେ ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ୮ ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ରଞ୍ଜିତ ନାୟକ, ଢେଙ୍କିକୋଟ ସରପଞ୍ଚ ଖଇର ନାଏକ, ଘଟଗାଁ ପି.ଡବ୍ଲ୍ୟୁ.ଡି ଏସଡିଓ ମହେଶ୍ୱର ସେଠୀ ଯୋଗ ଦେଇଥିଲେ। ଉକ୍ତ ୨ ଛାତ୍ରୀ ଓ ଛାତ୍ର ନିବାସରେ ୨୦୦ ଛାତ୍ରୀଛାତ୍ର ରହିବାର ବ୍ୟବସ୍ଥା ହୋଇଛି।

## ଡ୍ରେନ୍‌ରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ପାଟଣା,୩।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଫୁଲ୍ ପାହାଡ଼ି ଗ୍ରାମରେ ଡ୍ରେନରେ ପଡ଼ି ଶୁକ୍ରବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ଗ୍ରାମର ମାର୍କଣ୍ଡ ନାଏକ(୮୫)। ସେ ରାତିରେ ପରିଶ୍ରା କରିବାକୁ ବାହାରିଥିବା ସମୟରେ ଡ୍ରେନ୍‌ରେ ପଡ଼ି ଯାଇଥିଲେ। ରାତି ସାରା ଡ୍ରେନରେ ପଡ଼ି ରହିଥିଲେ। ପରିବାର ଲୋକେ ସକାଳୁ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଟଣା ଥାନାରେ ନଂ. ୪୧/୨୨ରେ ଏକ ମାମଲା ରୁଜୁ ହୋଇଥିବା ଏଏସଆଇ ଏନ ଲୁଗୁନ କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବି କଲା ସଂଘ

## ଖବରଦାତାଙ୍କୁ ଆକ୍ରମଣ ଘଟଣା

ବାରିପଦା ଅଫିସ, ୩।୧୨

ବରଗଡ଼ ଜିଲା ପାଇକମାଳଠାରେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଓ ହତ୍ୟା ଧମକ ଘଟଣାକୁ ରାଜ୍ୟ ସାମ୍ବାଦିକ ସଂଘର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଘଟଣାରେ ବିହିତ କାର୍ଯ୍ୟାନୁଷ୍ଠାନ ଦାବିରେ ସଂଘ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଭାପତିଙ୍କ ଆହ୍ୱାନ କ୍ରମେ ଜିଲା ଟିମ୍ ବାରିପଦାଠାରେ ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଘଟଣାକୁ ଦେଖି ସୁଦ୍ଧା ଆକ୍ରମଣକାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ନୀରବ ସମର୍ଥନ ଦେଇଥିବାରୁ ପାଇକମାଳ ଥାନାଧିକାରୀଙ୍କୁ ଚାକିରିରୁ ବହିଷ୍କାର ପାଇଁ ଦାବି ହୋଇଛି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଉମେଶ ମହାରଣା ଦାବିପତ୍ର ଗ୍ରହଣ କରିଛନ୍ତି। ସଂଘର ରାଜ୍ୟ ଉପସଭାପତି ରାଧେଶ୍ୟାମ ପ୍ରଧାନ, ଜିଲା ଶାଖା ସଭାପତି ସଞ୍ଜୟ କୁମାର ଚୌଧୁରୀ, ଉପସଭାପତି ସୁକାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଦୋଳଗୋବିନ୍ଦ ବାରିକ, ମନୋଜ ପଣ୍ଡା, ନୀଳାଦ୍ରି ବିହାରୀ ଦଣ୍ଡପାଟ, ରୂପମ ସ୍ୱାଇଁ, ଭକ୍ତି ପଣ୍ଡା, ବିଶ୍ୱଜିତ ଭୂୟାଁ, ହରେକୃଷ୍ଣ ବାରିକ, ଲଳିତ ବାରିକ, ଅଭିଷେକ ଖୁଣ୍ଟିଆ, ପ୍ରତିମା ବାରିକ, ପ୍ରବୀର କୁମାର ବାରିକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ସାମ୍ବାଦିକ ସଂଘ ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୫ ଟନ୍ ଚୋରା କୋଇଲା ଜବତ, ପିକ୍‌ଅପ୍ ଚାଳକ ଗିରଫ

ଭଦ୍ରକ ଅଫିସ, ୩।୧୨

ଭଦ୍ରକ ଚରମ୍ପା କେନାଲ ରୋଡ଼୍‌ରୁ ଶନିବାର ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଟାଉନ ପୋଲିସ ଜବତ କରିଛି। ଜବତ ଭ୍ୟାନ୍‌ରେ ୫ ଟନ୍‌ରୁ ଉର୍ଦ୍ଧ୍ୱ ଚୋରା କୋଇଲା ଥିଲା। ଭ୍ୟାନ୍‌ଟି ଚରମ୍ପା କେନାଲ ରୋଡ଼୍‌ରେ ବାଲେଶ୍ୱର ଜିଲା ସୋର ଅଭିମୁଖେ ଯାଉଥିବା ବେଳେ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଏନେଇ ଏକ ମାମଲା (ନଂ.୪୭୬/ ୨୨) ରୁଜୁ ସହ ଗାଡ଼ି ଚାଳକ ସାଇବ ମୁର୍ମୁଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଉମାଶଙ୍କର ନାୟକ କହିଛନ୍ତି।

# ୧୮ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ୍

## ବର୍ଷାଧିକ କାଳ ସ୍କୁଲ ଆସୁନାହାନ୍ତି

କେନ୍ଦୁଝର,୩।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବ୍ୟାହତ ହେଉଛି। ହାତ ଗଣତି ଶିକ୍ଷକରେ ଅନେକ ସ୍କୁଲ୍‌ରେ ପାଠପଢ଼ା ହେଉଛି। ବିଶେଷ କରି ଦୁର୍ଗମ ଅଞ୍ଚଳରେ ଦରମା ନେଉଥିଲେ ହେଁ ଅନେକ ସମୟରେ ଉପଯୁକ୍ତ ତଦାରଖ ଅଭାବରୁ ଶିକ୍ଷକମାନେ ସ୍କୁଲ ଯାଉନହାନ୍ତି। ଏପରିକି ବର୍ଷାଧିକ ଅନୁପସ୍ଥିତ ରହୁଛନ୍ତି। ଏହିଭଳି ବହୁ ବର୍ଷ ଧରି ଅନୁପସ୍ଥିତି ରହିଥିବା ୧୮ ଶିକ୍ଷକଙ୍କ ତାଲିକା ଶିକ୍ଷା ବିଭାଗ ପ୍ରସ୍ତୁତ କରି ନୋଟିସ୍ କରିଛି। ସେମାନେ ହେଲେ ଆନନ୍ଦପୁର ବ୍ଲକ୍ କଚାସାହି ପ୍ରାଥମିକ ବିଦ୍ୟାଳୟ, ମିଲ ସାହି ପ୍ରାଥମିକ ବିଦ୍ୟାଳୟ, ବାଂଶପାଳ ସିଂପୁର ସ୍କୁଲ, ତାଳପଦା ସ୍କୁଲ, ଗୋବିନ୍ଦପୁର ସ୍କୁଲ, ହରିଚନ୍ଦନପୁର ଘୋଷଡ଼ା ଟାଙ୍ଗର ନୋଡ଼ାଲ ୟୁପି ସ୍କୁଲ, ବୁଢ଼ାଖମଣ ପ୍ରାଇମେରୀ ସ୍କୁଲ, ଗୋଳିଆନାଳୀ ସାହି ପ୍ରାଥମିକ ସ୍କୁଲ, ଯୋଡ଼ା ରାଇକଳା ପ୍ରାଥମିକ ସ୍କୁଲ, କୋହ୍ଲବରପଦା ୟୁଜିୟୁପି ସ୍କୁଲ, ତେଲକୋଇ ବଡ଼କୁମୁଦ ପ୍ରାଥମିକ ସ୍କୁଲ୍, ଘଷିପୁରା କେଶୁଦରାପାଳ ପ୍ରାଥମିକ ସ୍କୁଲ୍, ଘଟଗାଁ ବ୍ଲକ୍ ଷଡ଼ଙ୍ଗବାହାଳୀ ପ୍ରାଥମିକ ସ୍କୁଲ, ଦେଓବନ୍ଧ ପ୍ରାଥମିକ ସ୍କୁଲ, ବସନ୍ତପୁର ୟୁଜିୟୁପି ସ୍କୁଲ, ମାଛଭଣ୍ଡାର ପ୍ରୋଜେକ୍ଟ ୟୁପି ସ୍କୁଲ, ଡାଙ୍ଗରଡ଼ିହା ୟୁଜିୟୁପି ସ୍କୁଲ ଆଦିର ଉକ୍ତ ୧୮ ଶିକ୍ଷକ ୧ ବର୍ଷରୁ ୭ ବର୍ଷ ପର୍ଯ୍ୟନ୍ତ ସ୍କୁଲରେ ଅନୁପସ୍ଥିତି ରହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ, ସମସ୍ତଙ୍କୁ କାରଣଦର୍ଶାଅ ନୋଟିସ୍ ଦିଆଯାଇଛି। ୧ମାସ ମଧ୍ୟରେ ସନ୍ତୋଷ ଜନକ ଉତ୍ତର ନ ମିଳିଲେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବ। ଅନ୍ୟପକ୍ଷେ ଏହି ଶିକ୍ଷକମାନେ ପ୍ରତ୍ୟେକ ବର୍ଷ ଚୁକ୍ତିନାମା ସ୍ୱାକ୍ଷର କରିଥାନ୍ତି। କିନ୍ତୁ ଚୁକ୍ତିର ସର୍ତ୍ତ ଉଲ୍ଲଙ୍ଘନ କରି ବିଦ୍ୟାଳୟ ଆସୁନାହାନ୍ତି। ଯଦି ଏମାନେ ନିୟମିତ ଆସୁନାହାନ୍ତି କାହିଁକି ସେମାନଙ୍କୁ କାର୍ଯ୍ୟରୁ ବାହାର କରି ଖାଲି ପଦବୀ ଦର୍ଶାଯାଉନାହିଁ ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନ୍ଦ୍ର ପଣ୍ଡା କହିଛନ୍ତି ।

## ସଂଘବଦ୍ଧ ଆକ୍ରମଣ ସହ ୨ ଯୁବକଙ୍କୁ ଘରୁ ଉଠାଇନେଲେ

ବନ୍ତ,୩।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ପଧାନପଡ଼ା ଆଦିବାସୀ ସାହିରେ ଗୁରୁବାର ରାତିରେ ସଂଘବଦ୍ଧ ଆକ୍ରମଣ ସହ ଘର ଭିତରେ ପଶି ୨ ଯୁବକଙ୍କୁ ଉଠାଇ ନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଚାନ୍ଦିନୀ ମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି ଯେ, ରାତି ପ୍ରାୟ ୧୦ଟା ବେଳେ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ବାଇକ୍ ଓ ବୋଲେରୋରେ ଆସି ସାହି ଭିତରେ ପଶି ଗାଳିଗୁଲଜ କରିଥିଲେ। ଏହାପରେ ତାଙ୍କ ଘର କବାଟକୁ ଧକ୍କା ମାରିଥିଲେ। ଘର ଭିତରେ ଶୋଇଥିବା ତାଙ୍କ ପୁଅ ଗୋପାଳ ଓ ପୁଅର ସାଙ୍ଗ ସୁରେନ୍ଦ୍ର ଜେନାଙ୍କୁ ସେମାନେ ମାଡ଼ ମାରି ଘରୁ ଉଠାଇ ନେଇଛନ୍ତି। ଏନେଇ ଶୁକ୍ରବାର ପୋଲିସ ଏକ ମାମଲା (ନଂ.୧୯୭/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବିକ୍ଷୋଭ

ଭଦ୍ରକ ଅଫିସ, ୩।୧୨

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମସ୍ତ ସ୍କିମ ଶ୍ରମିକମାନଙ୍କୁ ସ୍ଥାୟୀ, ମହିଳାମାନଙ୍କୁ ସାମାଜିକ ନ୍ୟାୟ, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ ଆଦି ଦାବି ହୋଇଛି। ପ୍ରଥମେ ମହିଳା ନେତ୍ରୀ କାମିନୀ ଭୋଇଙ୍କ ସଭାପତିତ୍ୱରେ ଚାନ୍ଦବାଲିସ୍ଥିତ ଶହୀଦ ଭଗତ ସିଂ ପାଠାଗାର ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ସମିତିର ସଦସ୍ୟମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଜ୍ୟୋତିବିକାଶ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଜିଲା ସମ୍ପାଦିକା ମମତା ଜେନା, ଉପସଭାନେତ୍ରୀ ସୀତା ଦାଶ, ବାସନ୍ତୀ ଚିତ୍ରକର, ପ୍ରଭାତୀ ଦାଶ, ମହିଳା ନେତ୍ରୀ ମିନାରାଣୀ ନାୟକ, ଅନୁସୟା ସେଠୀ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସିଆଇଟିୟୁର ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ଶ୍ରମିକ ନେତା ବିଷ୍ଣୁ ଦାଶ, କ୍ଷେତ ମଜଦୁର ୟୁନିୟନ ବ୍ଲକ ସଭାପତି ଘନଶ୍ୟାମ ଦାସ, କୃଷକ ନେତା ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ୮ମାସ ହେଲା ପାଇନାହାନ୍ତି ମଜୁରି

## ବନ ବିଭାଗ ନର୍ସରି ଶ୍ରମିକ

ପାଟଣା,୩।୧୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ରାଜନଗର ବିଟ୍ ଡେଣୁଆ ନର୍ସରିରେ କାର୍ଯ୍ୟ କରୁଥିବା ଶ୍ରମିକ ୮ମାସ ହେଲା ମଜୁରି ପାଇନାହାନ୍ତି। ଫଳରେ ପରିବାର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ଅଭିଯୋଗ କରିଛନ୍ତି। ଉଚ୍ଚପଦସ୍ଥ ଅଧିକାରୀ ତାଙ୍କ ଗୁହାରି ଶୁଣିବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ମାର୍ଚ୍ଚ ୬ ରୁ ଡେଣୁଆଁ ଗ୍ରାମର ଆର୍ତ୍ତତ୍ରାଣ ନାଏକ, ସଙ୍ଖାଳି ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ସତ୍ୟବାନ ମହାନ୍ତ, କେଶବଚନ୍ଦ୍ର ମହାନ୍ତ, ଦୁର୍ଲଭ ନାଏକ, ଭୀମସେନ ନାଏକ ଓ ବିଭୂତି ଭୂଷଣ ମହାନ୍ତ ଉକ୍ତ ଚାରା ଉତ୍ପାଦନ କ୍ଷେତ୍ରରେ ଶ୍ରମିକ ଭାବେ ନିୟୋଜିତ ଅଛନ୍ତି।



ଉଦ୍ୟାନରେ କାର୍ଯ୍ୟ କରୁଥିବା ଶ୍ରମିକମାନେ।

ଶ୍ରମିକମାନେ ୩୨୬ ହିସାବରେ ପ୍ରଥମ ମାସର ମଜୁରି ପାଇଛନ୍ତି। ପରେ ୮ ମାସ ହେଲା ମଜୁରି ମିଳି ନ ଥିବା କହିଛନ୍ତି। ମଜୁରି ପ୍ରଦାନ ନେଇ ଡିଏଫ୍‌ଓ ଏଚ୍‌ଡି ହନୁମନ୍ତ ଓ ଜିଲାପାଳ ଆଶିଷ ଠାକ୍‌ରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏ ନେଇ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ଆଲଟମେଣ୍ଟ ନ ଥିବାରୁ ସେମାନଙ୍କୁ ସେତେବେଳେ ଟଙ୍କା ଦେଇ ହୋଇ ନ ଥିଲା। ୩ ଦିନ ହେବ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ସବୁ ଟଙ୍କା ପାଇଯିବେ ବୋଲି କହିଥିଲେ।

## ଜଳେଶ୍ୱରରେ ଅବକାରୀ ସାଟେଲାଇଟ କେନ୍ଦ୍ର ସ୍ଥାପିତ

ଜଳେଶ୍ୱର, ୩।୧୨(ଡି.ଏନ୍.ଏ.)

ପଶ୍ଚିମବଙ୍ଗରୁ ବ୍ୟାପକ ମଦ,ବ୍ରାଉନସୁଗାର ଆଦି ଜଳେଶ୍ୱରକୁ ପ୍ରବେଶ କରୁଥିବା ବେଳେ ଅବକାରୀ ବିଭାଗର ଡେପୁଟି କମିଶନରଙ୍କ ଚିଠି ନଂ. ୧୧୧୩ ତା ୩୦।୧୧।୨୨ ଅନୁଯାୟୀ ଜଳେଶ୍ୱରରେ ଶନିବାର ଏକ ସାଟେଲାଇଟ ଅବକାରୀ କେନ୍ଦ୍ର କାର୍ଯ୍ୟାଳୟ ଖୋଲାଯାଇଛି। ମାଦକଦ୍ରବ୍ୟ ପ୍ରବେଶ ରୋକିବା ଲାଗି ଭାରପ୍ରାପ୍ତ ଅଧିକାରୀ ଭାବେ ଅଭିରାମ ସାହୁ, ମଧୁସୂଦନ ସେଠ୍, ରାଜୀବ କୁମାର ଭଞ୍ଜ, ସାର୍ଲେ ହେମ୍ବ୍ରମ, ସୁରାଜ ବାଇଜ, ମଧୁସ୍ମିତା ମହନ୍ତଙ୍କୁ ନିଯୁକ୍ତି ମିଳିଥିବା ଜଣାଯାଇଛି। ଅବକାରୀ କର୍ମଚାରୀଙ୍କ ଗାଡି ଦିଆଯାଇ ନ ଥିବାରୁ ସେମାନଙ୍କ କାର୍ଯ୍ୟଧାରା ସଂଚାଳନରେ ବ୍ୟତିକ୍ରମ ହେବ ବୋଲି କୁହାଯାଉଛି।

## ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ବାରିପଦା ଅଫିସ,୨।୧୨

ମୟୂରଭଞ୍ଜ ଜିଲାରେ ଶିଳ୍ପର ପୁନରୁଦ୍ଧାର ପୂର୍ବକ ବନ୍ଦ ପଡ଼ିଥିବା ଶିଳ୍ପକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ବାରିପଦା ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ ଜିଲାରେ ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। 'ମେକ ଇନ୍ ଓଡ଼ିଶା କନକ୍ଲେଭ' ଯୋଜନା ମାଧ୍ୟମରେ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି। ମୟୂରଭଞ୍ଜ ଜିଲାରେ ଦୀର୍ଘ ଦିନ ଧରି କାଠପାଳ ସ୍ପିନିଂ ମିଲ୍, ନିକୋ କାରଖାନା, ଗଞ୍ଜି କାରଖାନା ପ୍ରଭୃତି ବିଭିନ୍ନ କଳକାରଖାନା ବନ୍ଦ ହୋଇ ପଡ଼ିରହିଛି। ବର୍ତ୍ତମାନ ସୁଦ୍ଧା କୌଣସି କଳକାରଖାନା ନାହିଁ କିମ୍ବା ଶିଳ୍ପର ବିକାଶ ପାଇଁ ପଦକ୍ଷେପ ନିଆଯାଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ବୃହତ ଯୋଜନା 'ମେକ ଇନ୍ ଓଡ଼ିଶା କନକ୍ଲେଭ'ରେ ଜିଲାରେ ବନ୍ଦ ହୋଇ ପଡ଼ିଥିବା କାରଖାନାଗୁଡ଼ିକର ପୁନରୁଦ୍ଧାର କରାଯାଇ ପୁନଶ୍ଚ କାର୍ଯ୍ୟକ୍ଷମ କରାଗଲେ ଜିଲାବାସୀ ବିଶେଷ ଉପକୃତ ହେବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ବିଜନ ଦାସ, ଶଚି ପଟ୍ଟନାୟକ, ମହେଶ ଶତପଥୀ, ଅମୀୟ ଶଙ୍କର ଦାସ, ଜ୍ୟୋତି ପ୍ରକାଶ ଦାସ, ଶ୍ୱେତକେତୁ ଦତ୍ତ, ରାମ ଶଙ୍କର ମିଶ୍ର, ଶାରଦା ପ୍ରସନ୍ନ ଭଞ୍ଜ, ପ୍ରଦୀପ କୁମାର ଦାସ, ହରେକୃଷ୍ଣ ମହାନ୍ତ, ଭବାନୀ ଶଙ୍କର ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଚିଠି ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଜରିଆରେ ପ୍ରଦାନ କରିଛନ୍ତି।

## ୧୪ରେ ୨ ବ୍ଲକରେ ବିଜ୍ଞାନ ମେଳା

ଗୋପବନ୍ଧୁ ନଗର, ୩।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକରେ ଆସନ୍ତା ୧୪ ତାରିଖରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ। ଗୋପବନ୍ଧୁନଗର ବ୍ଲକରେ ଜୟପୁର ହାଇସ୍କୁଲ ଓ ଖୁଣ୍ଟା ବ୍ଲକରେ ବାଲିମୁଣ୍ଡୁଳି ହାଇସ୍କୁଲରେ ଏହି ମେଳା ହେବ। ଉଭୟ ବ୍ଲକ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷାଧିକାରୀ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଖୁଣ୍ଟା ଉଚ୍ଚ ବିଦ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି କୁଳମଣି ନାୟକ, ପ୍ରଧାନଶିକ୍ଷକ ପ୍ରଶାନ୍ତ ପରିଡ଼ା, ରାମସାଏ ମାଝି, ଶଙ୍କର୍ଷଣ ଚୌଧୁରୀ, ଶଶୀଧର ବାରିକ, ଶିକ୍ଷକ ରବୀନ୍ଦ୍ର ଶତପଥୀ, ବିଆର୍‌ସିସି ତଥା ଏବିଓ ବୃନ୍ଦାବନ ମାରାଣ୍ଡି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ସରେନ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ମହାପାତ୍ର, ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ଦାସ, ସମ୍ପାଦକ ଅଜୟ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମାଧ୍ୟମିକ ଶିକ୍ଷକ ସଂଘର ଦାବିପତ୍ର

ଚମ୍ପୁଆ/ତେଲକୋଇ,୩।୧୨(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ ସପ୍ତମ ବେତନ କମିସନ ସୁବିଧା, ନୂତନ ଅନୁଦାନ ଆଦି ଦାବି କରି ଆସୁଛନ୍ତି। ଏନେଇ ଶନିବାର ସମ୍ପାଦକ ମନୋରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଶିକ୍ଷକମାନେ ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧରେ ଶିକ୍ଷକଙ୍କୁ ସପ୍ତମ ବେତନ କମିସନ ସୁବିଧା ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସମସ୍ତ ସୁବିଧା, ଚାକିରି ସର୍ତ୍ତାବଳୀ ଲାଗୁ କରିବା, ବୟସ ସୀମା ୬୦ ରୁ ୬୨କୁ ବୃଦ୍ଧି, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କ ଦାବିପୂରଣ, ଅବସର କାଳିନ ସୁବିଧା, ସମସ୍ତ ସ୍କୁଲ୍ ଓ କଲେଜ ଭଳି ଶିକ୍ଷକଙ୍କୁ ସୁବିଧା ପ୍ରଦାନ ଆଦି ଦାବି କରାଯାଇଥିଲା। ତେଲକୋଇ ବ୍ଲକ୍ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ କମଳଲୋଚନ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଛି। ଅଧାପକ ନରେଶ ଚନ୍ଦ୍ର ମହାନ୍ତି, ରଞ୍ଜନ ଦଳବେହେରା, ଅନୀଲ ସାହୁ, ଶିକ୍ଷକନେତା ଭିକାରୀ ଚରଣ ସାହୁ, ଚିତ୍ତରଞ୍ଜନ ପଟ୍ଟନାୟକ, ଅଧାପିକା ପାର୍ବତୀ ସାହୁ, ବିପିନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଆଶାକର୍ମୀଙ୍କ ଧାରଣା

ଠାକୁରମୁଣ୍ଡା, ୩।୧୨ (ଡି.ଏନ୍.ଏ.)- ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ୭ ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଡାକରା ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯାଇଛି। ଭାରତୀୟ ମଜଦୁର ସଂଘ ସହଯୋଗରେ ଆଶା କର୍ମୀ ସଂଘର ବ୍ଲକ ସଭାନେତ୍ରୀ ରେଣୁ ସେଠୀ ଓ ସମ୍ପାଦିକା ଜେମାମଣି ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ ଏଥିରେ ସାମିଲ ହୋଇଥିଲେ। ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଡାକ୍ତର ମହାନ୍ତ, ଜିଲା ସାଧାରଣ ସମ୍ପାଦକ ବୋଧି ରଜତ ମହାନ୍ତ, ଠାକୁରମୁଣ୍ଡା ବ୍ଲକ ସମ୍ପାଦକ ଅଲେଖ ସେଠୀ, ଆଶାକର୍ମୀ ସଂଘର ସାତକୋଶିଆ ସେକ୍ଟର ନେତ୍ରୀ ଲକ୍ଷ୍ମୀମଣି ମହାନ୍ତ, ଚମ୍ପାଝର ସେକ୍ଟର ନେତ୍ରୀ କମଳା ମହାନ୍ତ, ପଡ଼ିଆବେଡା ସେକ୍ଟର ନେତ୍ରୀ ଗୀତାଞ୍ଜଳି ମହାନ୍ତ, ଠାକୁରମୁଣ୍ଡା ସେକ୍ଟର ନେତ୍ରୀ ସବିତା ବେହେରା ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ରାଧାମୋହନ ମନ୍ଦିରରେ ଗୀତାଯଜ୍ଞ



ବାଲିଆପାଳ, ୩।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳ ପଞ୍ଚାୟତ କଚୁଆପଡ଼ା ଗ୍ରାମରେ ଥିବା ରାଧାମୋହନ ମନ୍ଦିର ପରିସରରେ ଗୀତା ଜୟନ୍ତୀ ଅବସରରେ ଇସ୍କନ ଗୌଡ଼ୀୟ ରୀତିନୀତି ଅନୁଯାୟୀ ଶନିବାର ଗୀତାଯଜ୍ଞ ଶେଷ ହୋଇଛି। ଇସ୍କନ ରୀତିନୀତି ଅନୁଯାୟୀ ରାଧାମୋହନ ମନ୍ଦିରକୁ ମନ୍ଦିର ପ୍ରତିଷ୍ଠାତା ଇସ୍କନ ପରିଚାଳନା କମିଟିକୁ ସମର୍ପଣ କରିଦେଇଛନ୍ତି।

ମନ୍ଦିର ପୂଜକ ଉଜ୍ଜ୍ୱଳହରି ଦାସ ମନ୍ଦିର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିବା ବେଳେ ଯଜ୍ଞ କାର୍ଯ୍ୟରେ ଇସ୍କନ ପ୍ରତିନିଧି ରଙ୍ଗରାଜ ମାଧବ ବ୍ରହ୍ମଚାରୀ, ସତ୍ୟ ଗୌର ଦାସ ତୁଲାଇଥିଲେ। ୨୦୧୬ରୁ ପ୍ରତିଷ୍ଠା ହୋଇ ନିତ୍ୟ ପୂଜାର୍ଚ୍ଚନା ହୋଇଆସୁଥିବା ବାଲିଆପାଳ ରାଧାମୋହନ ମନ୍ଦିରକୁ ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସ ପବିତ୍ର ଗୀତା ଯଜ୍ଞ ଅବସରରେ ମନ୍ଦିର ସହିତ ମନ୍ଦିର ପାଇଁ ଉଦ୍ଦିଷ୍ଟ ସମସ୍ତ ସ୍ଥାବରଅସ୍ଥାବର ସମ୍ପତ୍ତି ଇସ୍କନ ପରିଚାଳନା କମିଟିକୁ ସମର୍ପଣ କରିଦେଇଛନ୍ତି। ଇସ୍କନ ପକ୍ଷରୁ ଯୋଗଦେଇଥିବା ପ୍ରତିନିଧି ରଙ୍ଗରାଜ ମାଧବ ବ୍ରହ୍ମଚାରୀ ଯଜ୍ଞ ବେଦୀ ଉପରେ ସମର୍ପଣକୁ ଗ୍ରହଣ କରି ମନ୍ଦିର ଦାୟିତ୍ୱ ବହନ କରିଛନ୍ତି। ବିନ୍ଧାଧର ପ୍ରଭୁ, ଭବେଶ ପ୍ରଭୁ, କାଳୀଚରଣ ପ୍ରଭୁ, ମୃତ୍ୟୁଞ୍ଜୟ ଦାସ, ସୁରଥ କ୍ରିଷ୍ଣ ଦାସ, କେଶୁ ସୂଦନ ଦାସ, ଅକ୍ଷୟ ପ୍ରଭୁ, ପୁଣ୍ୟବ୍ରତ ଦାସ, ଗୋବିନ୍ଦ ପ୍ରାସାଦ ଦାସ, ମନ୍ମଥ ବାରିକ, ଭୁବନମୋହନ ପିଳାଙ୍କ ସହିତ ବହୁ ମହିଳା ପୁରୁଷ ଭକ୍ତ ଉପସ୍ଥିତ ଥିଲେ।

# ବୀମା ଅର୍ଥ ହଡ଼ପ ଅଭିଯୋଗ

## ସମବାୟ ସମିତିରେ ଅନିୟମିତତା

ଧାମନଗର,୩।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କୋଠାର ସେବା ସମବାୟ ସମିତିରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ବୀମା ଅର୍ଥ ହଡ଼ପ ସହ ଚାଷୀଙ୍କୁ ଧମକ ଦିଆଯିବା ଭଳି ସଙ୍ଗୀନ ଆରୋପ କରାଯାଇଛି। କୋଠାର ସମେତ ଅସୁରାଳି, ଫତେପୁର, ବୟାଙ୍ଗଡିହ ଏବଂ ଗଡ଼ିଆଳି ପଞ୍ଚାୟତକୁ ନେଇ କୋଠାର ସମବାୟ ସମିତି ଗଠିତ ହୋଇଛି। ଏହି ସମିତିରେ ୨୦୨୧-୨୨ ଆର୍ଥିକ ବର୍ଷରେ ଚାଷୀ କରିଥିବା ଫସଲ ବୀମା ଅର୍ଥ ମଞ୍ଜୁର ହୋଇଥିଲା। ଇନ୍ସ୍ୟୁରାନ୍ସ କମ୍ପାନୀ ସମିତିର ସଭ୍ୟ ଥିବା ନିର୍ଦ୍ଦିଷ୍ଟ ସଂଖ୍ୟକ ପଞ୍ଜୀକୃତ ଚାଷୀଙ୍କୁ ଇନ୍ସ୍ୟୁରାନ୍ସ ବାବଦରେ ଅର୍ଥ ପୈଠ କରିଛି। ଗଡ଼ିଆଳି ପଞ୍ଚାୟତ ଝାରଡିଆ ଗ୍ରାମର ଶୁଭ୍ରାଂଶୁ କୁମାର ସ୍ୱାଇଁ ନାମକ ଜଣେ ଚାଷୀ ଇନସ୍ୟୁରାନ୍ସ ବାବଦରେ କମ୍ପାନୀଠାରୁ ୬୪,୩୫୬ ଟଙ୍କା ସହାୟତା ପାଇଥିଲେ। କିନ୍ତୁ କୋଠାର ସମବାୟ ସମିତି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଅର୍ଥ ପୈଠ ନ କରି ଗତ ନଭେମ୍ବରରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଧାମନଗର ଶାଖାରେ ତାଙ୍କ ନାମରେ ଥିବା ଆକାଉଣ୍ଟକୁ ମାତ୍ର ୨୩,୬୭୨ ଟଙ୍କା ପ୍ରଦାନ କରିଥିବା ଶୁଭ୍ରାଂଶୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ଆକାଉଣ୍ଟକୁ ମଧ ଫ୍ରିଜ କରି ଦେଇଥିଲେ। ତାଙ୍କ ନାମରେ ୬୪ ହଜାର ଟଙ୍କାର ବୀମା ଅର୍ଥ ଆସିଥିବା ଜାଣିବା ପରେ ସେ ଏ ସମ୍ପର୍କରେ ସମିତି କାର୍ଯ୍ୟାଳୟକୁ ଯାଇ ପଚାରିବାରୁ ସହସମ୍ପାଦକ ଗାଳିଗୁଲଜ କରିବା ସହ ଧମକ ଦେଇ ସେଠାରୁ ତଡ଼ି ଦେଇଥିଲେ। ଉକ୍ତ ସହସମ୍ପାଦକ ବୀମା ପ୍ରସଙ୍ଗରେ ନିଜର ମନମାନି ଚଳାଇ ଅନେକ ଲୋକଙ୍କୁ ଦୁର୍ବ୍ୟବହାର କରିବା ନେଇ ମଧ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମିତି ସହ ସମ୍ପାଦକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ। ଏଭଳି ଦୁର୍ନୀତି ଓ ଅନିୟମିତତା ବାବଦରେ କୋଠାର ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ୀଙ୍କୁ ପଚାରିବାରୁ ଅଳ୍ପ ଚାଷୀଙ୍କ ଇନ୍ସ୍ୟୁରାନ୍ସ ଅର୍ଥ ମଞ୍ଜୁର ହୋଇଥିବାରୁ ସମସ୍ତଙ୍କୁ ଦେବା ପାଇଁ ଏଭଳି କରାଯାଇଥିବା କହିଛନ୍ତି।

# ଇଚ୍ଛା ଥିଲେ ବି ଆଗକୁ ବଢ଼ିପାରୁନାହାନ୍ତି

## ଦିବ୍ୟାଙ୍ଗ ତବଲା ବାଦକ କାହ୍ନା

ଖଇରା, ୩।୧୨(ଡି.ଏନ.ଏ.)



ମନ ଦୁଃଖରେ ବସିଥିବା କାହ୍ନା।

ଶନିବାର ଥିଲା ବିଶ୍ୱ ଦିବ୍ୟାଙ୍ଗ ଦିବସ। ଦେଶରେ ଓ ଦେଶ ବାହାରେ ଏଥିପାଇଁ କେତେ ବଡ ବଡ କାର୍ଯ୍ୟକ୍ରମ ଆୟୋଜନ ଚାଲିଥିଲା । ନେତା ପ୍ରଶାସନଙ୍କ ଭାଷଣ ବାଜିରେ ମଞ୍ଚ କମ୍ପୁଥିଲା। ଦିବ୍ୟାଙ୍ଗଙ୍କ ପାଇଁ ବହୁମୁଖୀ ଯୋଜନା ବିଷୟରେ ନେତାମାନେ ବଖାଣି ଚାଲିଥିଲେ। ହେଲେ ମନ ଦୁଃଖ ମନରେ ମାରି ଘରେ କେଉଁ ଏକ ଅନ୍ଧାର କୋଣରେ ବସି ରହିଥିଲେ ଜନ୍ମରୁ ଦିବ୍ୟାଙ୍ଗ ପାଲଟିଥିବା କରୁଣାକର ମହାନ୍ତି(୩୭)।

ବାଲେଶ୍ୱର ଜିଲା ସିଙ୍ଗିଡି ଗ୍ରାମରେ କାହ୍ନା ଭାବେ ଜଣାଶୁଣା ଏହି ଦୃଷ୍ଟିହୀନ ଯୁବକ ଜଣେ ଅର୍ଗାନ ବାଦକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତି ଲାଭ କରିଛନ୍ତି। ତାଙ୍କର ଛୋଟ ଅର୍ଗାନ ବହୁଦିନରୁ ଖରାପ ହୋଇପଡିଛି। ତାଙ୍କ ପାଖରେ ଅର୍ଥ ନ ଥିବାରୁ ବଡଧରଣର ନୂଆ ଅର୍ଗାନଟିଏ କିଣିବାକୁ ଇଚ୍ଛା ଥିଲେ ମଧ କିଣି ପାରୁ ନ ଥିବାରୁ ତାଙ୍କ ମନ ଦୁଃଖର କାରଣ ବୋଲି କଥାବାର୍ତ୍ତା ବେଳେ ଜଣାପଡିଥିଲା। ଗାଁ ଗହଳିରେ ପରିବେଷିତ ଭଜନସଂଧ୍ୟା ହେଉ କି ଯାତ୍ରା ଅର୍ଗାନ ସାଙ୍ଗକୁ ତବଲାରେ ନିଜ ପାରଦର୍ଶିତା ଦେଖାଇ ଆସୁଥିବା କାହ୍ନା ଆଗକୁ କିଛି ବଡ କରି ଦକ୍ଷତା ଦେଖାଇବାକୁ ଭାରି ଇଚ୍ଛା ଥିଲେ ହେଁ ନିଜର ପରିବାରର ଆର୍ଥିକ ଦୁରବସ୍ଥା ପ୍ରତି ମୁହୂର୍ତ୍ତରେ ତାଙ୍କୁ ପଛକୁ ଟାଣୁଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିଜର ଗୁହାରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜଣେ ଦିବ୍ୟାଙ୍ଗଙ୍କ କଣ ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର ନାହିଁ କି ବୋଲି ଚିଠିରେ ଉଲ୍ଲେଖ କରି ଜଣାଇବେ ବୋଲି କହିଛନ୍ତି । ଘରେ ଅଳ୍ପ କିଛି ଜମିବାଡି ଥିବା ବେଳେ ୫ ଭଉଣୀ ବାହାଘର ଏବଂ ସାନ ଭାଇ ଚଳଣି ପାଇଁ ତାହା ପର୍ଯ୍ୟାପ୍ତ ନ ଥିବା ବେଳେ ତାଙ୍କ ପାଇଁ ବାଦ୍ୟଯନ୍ତ୍ର କିଣିବା ବାପା ଦୈତାରୀଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ତାଙ୍କୁ ସହଯୋଗର ହାତ ବଢାଇବାକୁ ଦାବି ହୋଇଛି।

# ନୂତନ ଭୋଟରଙ୍କ ଯୋଗଦାନ ଉପରେ ଗୁରୁତ୍ୱ



ବୈଠକରେ ରାଜନୈତିକ ଦଳର କର୍ମକର୍ତ୍ତା ଓ ଗଣମାଧମ ପ୍ରତିନିଧିମାନେ।

## ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ

ବାରିପଦା ଅଫିସ,୩।୧୨

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦୨୩ ମସିହା ଜାନୁଆରୀ ୫ ତାରିଖରେ ପ୍ରକାଶିତ ହେବାକୁ ଥିବା ନୂତନ ତ୍ରୁଟିଶୂନ ଭୋଟର ତାଲିକାରେ ନୂତନ ଭାବେ ଯୋଗ୍ୟ ବିବେଚିତ ଭୋଟର ଯେମିତି ବାଦ ନପଡ଼େ ସେଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି ଜିଲାପାଳ କହିଥିଲେ। ଏତଦବ୍ୟତିତ ଜିଲାର ଖଡ଼ିଆ ମାଙ୍କଡ଼ିଆ ଓ ଲୋଧା ସମ୍ପ୍ରଦାୟର ଅଧିବାସୀ ଓ ଭିନ୍ନକ୍ଷମ ଭୋଟର ସହିତ ମହିଳା ଭୋଟରଙ୍କୁ ଭୋଟର ତାଲିକାରେ ଶତ ପ୍ରତିଶତ ତାଲିକାଭୁକ୍ତ ପ୍ରତି ଧ୍ୟାନ ଦେବା ସହ ଭୋଟର ତାଲିକା ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ସଂଶୋଧନ ପ୍ରକ୍ରିୟା ତ୍ରୁଟିଶୂନ ଉପରେ ପ୍ରାଧାନ୍ୟ ଦେବାକୁ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଗତ ନଭେମ୍ବର ୯ ରୁ ଆରମ୍ଭ ହୋଇଥିଲା। ଯଦି ଏହି ତାଲିକାରେ କୌଣସି ମତଦାତାଙ୍କ ନିଜର କିଛି ତଥ୍ୟ ତ୍ରୁଟି ଥିବାର ନଜରକୁ ଆସେ ତେବେ ଆବେଦନ ପାଇଁ ଧାର୍ଯ୍ୟ ଶେଷ ତାରିଖ ଆଗାମୀ ୮ ସୁଦ୍ଧା ଭୋଟର ବୁଥ୍ ଲେବେଲ ଅଧିକାରୀ କିମ୍ବା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବଶ୍ୟକୀୟ ସଂଶୋଧନ ନିମନ୍ତେ ଆବେଦନ କରିପାରିବେ। ଜଣେ ଭୋଟର ଚାହିଁଲେ ମୋବାଇଲରେ ଭୋଟର ହେଲ୍ପ ଲାଇନ ଆପ ଜରିଆରେ କିମ୍ବା ceoorissa. eci. nic. in କିମ୍ବା nvsp. in(National Voter Service Portal) ୱେବସାଇଟରେ ମଧ ଅନଲାଇନରେ ଆବେଦନ କରିପାରିବେ। ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ଉପଜିଲାପାଳ ବସନ୍ତ ସେଠୀ, ସୁଶ୍ରୀତା ଟୁଡୁ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାସୁଦେବପୁର,୩।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ବାରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କର୍ମଚାରୀ ବ୍ରଜକୁମାର କରଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତି ପ୍ରକାଶ ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଜଗବନ୍ଧୁ ପାଣିଗ୍ରାହୀ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାୟ ଏବଂ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ପର୍ଶୁରାମ ବେହେରା, ଜଗବନ୍ଧୁ ପଣ୍ଡା, ମନ୍ମଥ କୁମାର ରାଉତ, ସୀତାକାନ୍ତ ରାଉତ, ସିଆର୍‌ସିସି ଗୌତମ କୁମାର ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନୀଳମଣି ବେହେରା ଅତିଥି ପରିଚୟ ପ୍ରଦାନ ଓ ଜୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରକୁ ୭ ଛାତ୍ରୀଛାତ୍ର ମନୋନୀତ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

## ବ୍ଲକସ୍ତରୀୟ ବିଜ୍ଞାନମେଳା

ବାହାନଗା, ୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଗୋପାଳପୁର ମଣିଭଦ୍ର ନୋଡାଲ ସରକାରୀ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଦ୍‌ଘାଟକ ଡିଇଓ ସୂତାର ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ପର୍କିତ ଦୃଢ ମାନସିକତା ଥିଲେ ନିଶ୍ଚିତ ଏହି ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ଜଣେ ବୈଜ୍ଞାନିକ ଭାବେ ଗଢିଉଠିବେ ବୋଲି କହିଥିଲେ। ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗଦେଇ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ବିଭିନ୍ନ ସମୟୋପଯୋଗୀ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜ୍ଞାନ ସଂଯୋଜକ କୃଷ୍ଣମୋହନ ସିଂ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରୋହିଆ ଟୁଡୁ, ରମାକାନ୍ତ ଦାସ, ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ବାହାନଗା ବ୍ଲକ ବିଜ୍ଞାନ ସଂଯୋଜକ ରଞ୍ଜନ କୁମାର ଦାସ, ଗୋପାଳପୁର ସିଆରସିସି କାମାକ୍ଷା ପ୍ରଦାସ ଦାଶ, ଏବିଇଓ ରବିନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳା ସମ୍ପର୍କିତ ବକ୍ତବ୍ୟ ଦେଇଥିଲେ। ଶିକ୍ଷୟିତ୍ରୀ ଲିଲିମା ପଣ୍ଡା, ଶ୍ୟାମସୁନ୍ଦର ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୀତାକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ୧ଶହରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଆସିଥିଲେ। ୧ଶହ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିନିୟର ବିଭାଗ ଓ ଜୁନିୟର ବିଭାଗ ସବ ଜୁନିୟର ବିଭାଗରୁ ୭ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଛି । ଉତ୍ସବରେ ଜିଲାସ୍ତରକୁ ମନୋନୀତ ହୋଇଥିବା ୭ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଲିଲିମା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆନନ୍ଦପୁର ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟ

# କଲେଜ ଭିତ୍ତିଭୂମି ବିକାଶ ଦାବି

ଆନନ୍ଦପୁର,୩।୧୨(ସ୍ୱ.ପ୍ର.)



ଗଣମାଧମ ସମ୍ମିଳନୀରେ କାଉନ୍ସିଲରମାନେ।

କେନ୍ଦୁଝର ଜିଲାର ଆନନ୍ଦପୁର ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଫକିରପୁର ପାଇଁ ବିଭିନ୍ନ ସମୟରେ ଆଶଙ୍କାମୟ ବାତାବରଣ ଦେଖାଯାଇଛି। ଆନ୍ତରିକତା ଓ ସମନ୍ୱୟ ଅଭାବରୁ ଏହାର ଭିତ୍ତିଭୂମିର ବିକାଶ ସମ୍ଭବ ହୋଇପାରୁନି। ଭିତ୍ତିଭୂମି ଅଭାବ ଦୃଷ୍ଟିରୁ ଦୁଇ ବର୍ଷ ହେଲା ନାମଲେଖା ବନ୍ଦ ରହିଛି। ଏହାର ସମାଧାନ ନିମନ୍ତେ ଶନିବାର ଆନନ୍ଦପୁରର ପୂର୍ବତନ ନଗରପାଳ କୁନମୁନ ପଣ୍ଡାଙ୍କ ନେତୃତ୍ୱରେ ୮ ନଂ. ୱାର୍ଡ଼ କାଉନ୍ସିଲର ସୁରେନ୍ଦ୍ର ଦାସ, ୯ ନଂ. ୱାର୍ଡ଼ କାଉନ୍ସିଲର ସନତ୍ କର, ବରିଷ୍ଠ ସାମ୍ବଦିକ ନାରାୟଣ ପଣ୍ଡା ପ୍ରମୁଖ ଏକ ପ୍ରେସ୍ ମିଟ୍ ଜରିଆରେ ଭିତ୍ତିଭୂମି ବିକାଶ ଦିଗରେ ପ୍ରଶାସନିକ ଅଧିକାରୀ ତତ୍ପରତା ପ୍ରକାଶ କରିବାକୁ ଦାବି ରଖିଥିଲେ।

ପ୍ରକାଶ ଯେ, ଫକିରପୁର ମୌଜା ଖାତିୟାନ୍ ସଂଖ୍ୟା ୧୦୮୫/୮୫୨ ଆନନ୍ଦପୁର ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ନାମରେ ରହିଛି। ଏହା ସହିତ ଖତିୟାନ୍ ସଂଖ୍ୟା ୪/୧ ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନାମରେ ଅଛି। ନ୍ୟାସନାଲ କାଉନ୍ସିଲ ଅଫ୍ ଟିଚର ଏଜୁକେସନ୍ (ଏନ୍‌ସିଟିଇ)ର ଗାଇଡ୍‌ଲାଇନ୍ ଅନୁସାରେ ଭିତ୍ତିଭୂମି ବିକାଶ ପାଇଁ ପ୍ରାଥମିକ ସ୍ତରରେ ରାସ୍ତା ଓ ଗୃହ ବିଭାଗ ଅଧୀନରେ ନିର୍ମାଣ କାର୍ଯ୍ୟ ପାଇଁ ୨ କୋଟି ଟଙ୍କା ମଞ୍ଜୁର ମଧ ହୋଇଥିଲା। ହେଲେ ବିଏଡ୍ କଲେଜର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରି ନ ଥିଲା। ୨୦୧୯ରେ ଏନ୍‌ସିଟିଇ ପୂର୍ବାଞ୍ଚଳ କମିଟି କଲେଜର ଭିତ୍ତିଭୂମି ସଂକ୍ରାନ୍ତୀୟ ପଦକ୍ଷେପ ନିମନ୍ତେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହା ସହିତ ଉପଜିଲାପାଳ, ତହସିଲଦାରଙ୍କୁ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ ଅବଗତ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଭିତ୍ତିଭୂମି ଉପରେ ପଦକ୍ଷେପ ନଆଯାଇ ନାହିଁ।

# ନିର୍ମାଣାଧୀନ ଘର ଭାଙ୍ଗିଲେ ଜଗନ୍ନାଥ ପ୍ରେମୀ

## ବଳଦେବଜୀଉଙ୍କ ଜମି ଜବରଦଖଲ ପ୍ରସଙ୍ଗ

କେନ୍ଦୁଝର,୩।୧୨(ସ୍ୱ.ପ୍ର.)

କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀଶ୍ରୀ ବଳଦେବଜିଉଙ୍କ ନାମରେ ବାଘୁଆବେଡ଼ା ନିକଟରେ ଥିବା ଜମିରୁ ନିର୍ମାଣଧୀନ ଘରକୁ ଜଗନ୍ନାଥ ପ୍ରେମୀ ଭାଙ୍ଗି ଦେଇଛନ୍ତି। ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ କେନ୍ଦୁଝର ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀଙ୍କ ନିକଟରେ କେନ୍ଦୁଝରଗଡ଼ ପୌରପାଳିକାର ସ୍ଥାନୀୟ କାଉନ୍ସିଲର ନିହାର ରଞ୍ଜନ ଦାସ, ସ୍ଥାନୀୟ ବାସିନ୍ଦା ସନତ ସାହୁ, ମୀତା ମହାନ୍ତି, ମୀନା ପଲେଇ, ପଙ୍କଜ ଦ୍ୱିବେଦୀ, ନବକିଶୋର ସାହୁଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଲିଖିତ ଅଭିଯୋଗ କରିଥିଲେ। ମନ୍ଦିରଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ବଳଦେବଜିଉଙ୍କ ରେକର୍ଡ ଭୁକ୍ତ ଧନୁର୍ଯ୍ୟୟପୁର ମୌଜାର ଖତିୟାନ ନଂ. ୧୧୬ ଓ ପ୍ଲଟ ନଂ. ୪୭୩ ଖାସମାହାଲ ଜମି ( ବାଘୁଆବେଡ଼ା)ରେ ଥିବା ୩ ଏକର ୮୦ ଡେସିମିଲ ମଧ୍ୟରୁ ପ୍ରାୟ ଦେଡ଼ ଏକର ଜମିକୁ ୩ ଜଣ ବ୍ୟକ୍ତି ଦଖଲକରି ରଖିଛନ୍ତି। ଜମିରେ ଘର, ବଗିଚା, ପୋଖରୀ, ଗୋଶାଳ, କୁକୁଡ଼ା ଘର ନିର୍ମାଣ କରାଯାଉଥିଲେ ହେଁ ପ୍ରଶାସନ ଚୁପ୍ ରହିଛି। ଶନିବାର କାଉନ୍ସିଲରଙ୍କ ସମେତ ଜଗନ୍ନାଥ ପ୍ରେମୀ ପହଞ୍ଚି ଠାକୁରଙ୍କ ଜମିରୁ ମେସିନ ଲଗାଇ ଘରକୁ ଭାଙ୍ଗି ଉଚ୍ଛେଦ କରିଛନ୍ତି।



ଠାକରଙ୍କ ଜମିରୁ ଉଚ୍ଛେଦ କରାଯାଉଛି।

# ଭିନ୍ନକ୍ଷମ ଦିବସରେ ୧୦୮ ହିତାଧିକାରୀଙ୍କୁ ବଣ୍ଟାଗଲା ଉପକରଣ

ଭଦ୍ରକ ଅଫିସ,୩।୧୨



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ରାଖାଲ କୁମାର ସେଠୀ।

ଭଦ୍ରକ ଟାଉନ ହଲ୍ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜରିଆରେ ଶନିବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଏଲ୍‌ଡିଏମ୍ (ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର) ନାଗେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରୀ ଯୋଜନା ମାଧ୍ୟମରେ ଆତ୍ମନିର୍ଭରଶୀଳ କରାଇବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଦିବ୍ୟାଙ୍ଗମାନଙ୍କର ଅଭିଯୋଗ ପାଇଁ ଜିଲାରେ ନିଶୁଳ୍କ ଫୋନ୍ ନମ୍ବର ୮୯୧୭୨୪୨୩୦୦ ଜାରି କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ।

## ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଏହି ଅବସରରେ ହୁଇଲ ଚେୟାର ଫେନସିଂ କ୍ରୀଡ଼ାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ପ୍ରଦର୍ଶନ କରି ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ହାସଲ କରିଥିବା ଏବଂ ଲଣ୍ଡନରେ ଅନୁଷ୍ଠିତ କମନ୍‌ୱେଲ୍‌ଥ କ୍ରୀଡ଼ାରେ ମଧ ଅଂଶଗ୍ରହଣ କରିଥିବା ଜିଲାର ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭଣ୍ଡାରିପୋଖରୀର ରାଖାଲ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭୋପାଳରେ ଅନୁଷ୍ଠିତ ହୁଇଲ ଚେୟାର କ୍ରିକେଟରେ ଭଦ୍ରକ ବ୍ଲକର ଖେଳାଳି ଅକ୍ଷୟ ସାହୁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଅତିଥିମାନଙ୍କ ଦ୍ୱାରା ୧୦୮ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା। ପରେ ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ଦାସ ସଂଯୋଜନା କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥି ପରିଚୟ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ରକ୍ତଦାନ ଶିବିର, ସ୍ଥାନ:ରାଜବାଟି ଛକ, ମାଣିଖମ୍ବ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଗତମ କାର୍ଯ୍ୟକ୍ରମ, ସ୍ଥାନ: ବ୍ରିଟିଶ୍ ହଲ୍, ଫକୀର ମୋହନ ଅଟୋନୋମସ୍ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ପଦ୍ମପୁର,୩।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଚୋରି ଅଭିଯୋଗରେ ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନାଲଗୁଣ୍ଡା ଗ୍ରାମର ବିଚିତ୍ର ରାଉତ। ଏଥିସହ ଚୋରି ସାମଗ୍ରୀ ଚାନ୍ଦବାଲି ଅଞ୍ଚଳରୁ ଜବତ କରାଯାଇଛି। ବିଚିତ୍ର ସାବରଙ୍ଗ ଥାନା ଅଧୀନ ବରାଙ୍ଗ ଗ୍ରାମର ରାଜେଶ ପଲେଇଙ୍କ ଘରୁ ସୁନା ରୁପା ଗହଣା, ଏଲ୍‌ସିଡି ଟିଭି, ଗ୍ରାଇଣ୍ଡର ଓ ନଗଦ ୧୫ ହଜାର ଟଙ୍କା ଚୋରି କରିନେଇଥିଲେ। ରାଜେଶ ଓ ତାଙ୍କ ପରିବାର ଦିଲ୍ଲୀ ଯାଇଥିବା ବେଳେ ଗତ ମାସରେ ଏହି ଚୋରି ହୋଇଥିଲା। ଏନେଇ ରାଜେଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୯୬/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ ଓ ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ରନାଥ ସିଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ବିଚିତ୍ରଙ୍କୁ ଗିରଫ କରିଛନ୍ତି।

## ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ: ଚାଳକ ମୃତ, ୨ ଗୁରୁତର

ଜଳେଶ୍ୱର, ୩।୧୨(ଡି.ଏନ.ଏ.): ଏକ ମାଛ ବୋଝେଇ ପିକ୍‌ଅପ୍ (ନଂ.ଓଆର୍‌୦୧କ୍ୟୁ-୫୧୩୬)ଦୁବଲାଗଡିରୁ ଦୀଘା ଗଲାବେଳେ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ୫୭ ରାଜ୍ୟ ରାଜପଥର ଜଳେଶ୍ୱର ଥାନା ବାଣିଦାଠାରେ ଭାରସାମ୍ୟ ହରାଇ ସଡକ ତଳକୁ ଓଲଟି ପଡିଥିଲା। ଫଳରେ ଦୁବଲାଗଡିର କମଳ ଦାସ (୩୫) ଓ ବାଲିଆପାଳର ହରିଶ ହାଜିରା (୨୦) ଗୁରୁତର ଆହତ ହୋଇ ପ୍ରଥମେ ଜିକେଭଙ୍ଗର ହସ୍‌ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର ହୋଇଛନ୍ତି। କିନ୍ତୁ ଡ୍ରାଇଭର ଦୁବଲାଗଡିର ସୁନୀଲ କୁମାର ଜେନା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଦମକଳ ବାହିନୀ ଘଟଣାସ୍ଥଳକୁ ଯାଇ କେତେକ ବଡ ବଡ ଗଛକାଟି ଡ୍ରାଇଭରଙ୍କୁ ବାହାର କରିଥିଲେ। ଶନିବାର ସକାଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ମାତ୍ର ୧୦୦ ଫୁଟ ଦୂରରେ ଅନ୍ୟ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତ ହୋଇଥିବା ୪ଜଣ ସହିତ କାର୍ ଉଦ୍ଧାର କରାଯାଇଛି।

## ପଞ୍ଚାୟତସ୍ତରୀୟ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ

ଯୋଡ଼ା,୩।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ଶୁକ୍ରବାର ଲୋକଙ୍କ ଯୋଜନା ଅଭିଯାନ(ପିପିସି) ୨୦୨୨ ଆଧାରରେ ପଞ୍ଚାୟତ ବିକାଶ ଯୋଜନା ୨୦୨୩-୨୪ ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ କ୍ଷେତ୍ର କର୍ମଚାରୀଙ୍କୁ ନେଇ ଏକ ଦିବସୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରରେ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କୃଷି ଅଧିକାରୀ ଦେବବ୍ରତ ମିଶ୍ର, ଉଦ୍ୟାନ କୃଷି ଅଧିକାରିଣୀ ପ୍ରମିଳା ମାରାଣ୍ଡି, ସିଡିପିଓ ସୁକାନ୍ତି ପାତ୍ର, ମେଡିକାଲ ଅଫିସର ଡଃ ଦେବବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଦାରିଦ୍ର ମୁକ୍ତ, ଉନ୍ନତ ଜୀବିକା, ସୁସ୍ଥ ଗାଁ, ଚାଇଲ୍ଡ ଫ୍ରେଣ୍ଡଲି ଭିଲେଜ, ପର୍ଯ୍ୟାପ୍ତ ଜଳ, କ୍ଲିନ୍ ଆଣ୍ଡ ଗ୍ରୀନ, ପର୍ଯ୍ୟାପ୍ତ ଭିତ୍ତିଭୂମି, ସାମାଜିକ ସୁରକ୍ଷିତ ଗ୍ରାମ, ଉତ୍ତମ ଶାସନ ଓ ଗ୍ରାମର ବିକାଶ ଭଳି ୯ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ୧୯ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସିଡିପିଓ, ସୁପରଭାଇଜର, ମେଡିକାଲ ଅଫିସର, ଏନ୍‌ଏସ ସହ ଅନ୍ୟମାନେ ପ୍ରଶିକ୍ଷଣ ନେଇଥିଲେ। ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ଏକ୍କା, ବ୍ଲକ୍‌ସ୍ତରୀୟ ଷ୍ଟିୟରିଂ କମିଟି ସଦସ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ମାଝୀ ଓ କର୍ମଚାରୀମାନେ ପରିଚାଳନା କରିଥିଲା।

# ଚାଷୀଙ୍କୁ ମିଳୁନି ଜଳ

ସାରସକଣା,୩।୧୨(ଡି.ଏନ.ଏ.)

କେନାଲ ନିର୍ମାଣ ସହ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଚାଷୀଙ୍କୁ ଜଳ ମିଳୁନାହିଁ। ବିନା ସୂଚନା ଫଳରେ କେନାଲ କାମ ଚାଲିଥିବା ଅଭିଯୋଗ ହେଉଛି। ଚାଷୀଙ୍କ ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କାହା ସ୍ୱାର୍ଥରେ କେନାଲ ନିର୍ମାଣ ହେଉଛି ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି।

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଦେଇଯାଇଥିବା ସୁବର୍ଣ୍ଣରେଖା କେନାଲରୁ ଚାଷୀମାନଙ୍କୁ ଠିକ୍ ସମୟରେ ପାଣି ଯୋଗାଇଦେବା ପାଇଁ ନିର୍ମାଣ ହେଉଛି ଶାଖା କେନାଲ। ଭୂରୁଷାଣି ପଞ୍ଚାୟତର ଚାଷୀମାନଙ୍କ ପାଇଁ ଡାହିସାହି ଓ ପୁରୁଣାପାଣି ନିକଟରେ ଶାଖା କେନାଲ ମରାମତି କରାଯାଉଛି। ଏବେ ସେହି ପୁରାତନ ଶାଖା କେନାଲ


କାଡ଼ା କେନାଲ କାମ ଚାଲିଛି।

ଆଡିକୁ ବିଭାଗ ପକ୍ଷରୁ ଅଧିକ ଉଚ୍ଚ କରାଯିବା ସହ ଫାଟିଥିବା ସ୍ଥାନକୁ ମଧ୍ୟ ମରାମତି କରାଯାଉଛି। ସେଠାରେ ପୂର୍ବରୁ ଶାଖା କେନାଲ ରହିଛି, ଯାହାକି ଗ୍ରୀଷ୍ମ ସମୟରେ ଶୁଖିଲା ପଡୁଛି। କେନାଲରେ ପାଣି ନ ଆସିବା ଫଳରେ ଆଡିବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ମହାରଣାଙ୍କୁ ପଚାରିବାରୁ କାଡ଼ା କାର୍ଯ୍ୟ ଚାଲିଛି, ଚାଷୀମାନଙ୍କୁ

### ଶାଖା କେନାଲ ନିର୍ମାଣ କାହା ସ୍ୱାର୍ଥରେ

ସହଜରେ ପାଣି ଯୋଗାଇଦେବା ପାଇଁ ନାଳି କରାଯିବାର ବ୍ୟବସ୍ଥା ରହିଛି। ଏବେ ପାଣି ନିଶ୍ଚିତ ପହଞ୍ଚିବ। ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଇବା ପାଇଁ କୌଣସି ନିର୍ଦ୍ଦେଶ ନ ଥିବାରୁ ଏହା ଲଗାଯାଇନାହିଁ ବୋଲି ସେ କହିଛନ୍ତି। ବିନା ଫଳକରେ କାମ ଚାଲିଥିବାରୁ କାର୍ଯ୍ୟର ବିବରଣୀ ଜଣାପଡୁନାହିଁ । ବିଭାଗ ପକ୍ଷରୁ କାର୍ଯ୍ୟ ସମାପ୍ତି ପରେ ଚାଷୀମାନେ ପାଣି ପାଇଲେ କିମ୍ବା ନାହିଁ ତାହାର ତଦାରଖ ମଧ୍ୟ ହେଉନାହିଁ ବୋଲି ଭୂରୁଷାଣିର ରାମକୃଷ୍ଣ ମହାନ୍ତ, ରାଜକୁମାର ସୋରେନ, ଗିରିଶ ହାଁସଦା ଏବଂ ପୁରୁଣାପାଣିର ବିବେକ ସିଂ ଓ ଆଦିତ୍ୟ ହେମ୍ବ୍ରମ ପ୍ରମୁଖ ପ୍ରକାଶ କରିଛନ୍ତି।

## ଆଦର୍ଶ ବିଦ୍ୟାଳୟର ଏକାଡେମିକ କୋଠା ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ବାଲିଆପାଳ/ଲଙ୍ଗଳେଶ୍ୱର, ୩।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଳରାମପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ନିର୍ମାଣ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଡେମିକ କୋଠାକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବଳରାମପୁର ଆଦର୍ଶ ବିଦ୍ୟାଳୟ ପରିସରରେ ବାଲିଆପାଳ ବିଡିଓ ବିନୋଦ କୁମାର ପଣ୍ଡା, ତହସିଲଦାର ଦୀପକ

### ଭିଡିଓ କନଫରେନ୍ସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କୁମାର ଦାସ, ବ୍ଲକ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନା, ସହକାରୀ ବ୍ଲକ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ, ଆରତୀ ଭୂୟାଁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଳରାମପୁର ଅଧ୍ୟକ୍ଷ ଜୟଶ୍ରୀ ତିରିଆ, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଅବନୀ ରାଉତଙ୍କ ସମେତ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ବାଲିଆରେ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

ରେମୁଣା,୩।୧୨(ଡି.ଏନ.ଏ.)

ବାଲେଶ୍ୱର ସହର ଉପକଣ୍ଠ ରେମୁଣା ବ୍ଲକର ବାଲିଆ ଗ୍ରାମ ପଞ୍ଚାୟତରେ ଶନିବାର ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ କୁକୁଡ଼ାପଦା ଗ୍ରାମରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଛୋଟ ଛୋଟ ପିଲାଙ୍କ ଯତ୍ନ ସହ ସେମାନଙ୍କ ଆଦ୍ୟ ପାଠପଢା ପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ରର ମହତ୍ତ୍ୱ ରକ୍ଷା କରିବାକୁ ସେଠାରେ ଉପସ୍ଥିତ ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଦେଇଥିଲେ। ପରେ ଏମ୍‌ପି ବାଲିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ ଟ୍ରାଇସାଇକେଲ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହି ବ୍ୟବସ୍ଥାରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ମାଧ୍ୟମରେ ବାଲିଆ ପଞ୍ଚାୟତର ଘରକୁ ଘର ବୁଲି ଅଳିଆ ସଂଗ୍ରହ ହେବ। ପଞ୍ଚାୟତସ୍ତରରେ ଏଭଳି ବ୍ୟବସ୍ଥାର ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବ ବୋଲି କହିଥିଲେ। ଦୁଇଟି କାର୍ଯ୍ୟକ୍ରମରେ ବାଲିଆ ସରପଞ୍ଚ ନିତାୟୀ ଚରଣ ନାୟକ ପୌରୋହିତ୍ୟ କରିବା ସହିତ ଅଙ୍ଗନୱାଡ଼ି କେନ୍ଦ୍ର ଆବଶ୍ୟକତା ଏବଂ ସଫେଇ ଟ୍ରାଇ ସାଇକେଲ ବ୍ୟବସ୍ଥା ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରେମୁଣାର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବାଲିଆ ସରପଞ୍ଚ ନାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବାଲିଆ ପଞ୍ଚାୟତ ସମିତି ସଭ୍ୟା ଶିବାନୀ ହାଁସଦା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ସୁକୁମାର ଦାସ, ବିନୟ ପଡ଼ିଆରୀ, ମିଠୁନ ସାହା, ରତିକାନ୍ତ ରାଉତ ଓ ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ସଫେଇ ଟ୍ରାଇ ସାଇକେଲ ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।

## ପ୍ରାଦେଶିକ ଶିଶୁବାଟିକା ପ୍ରଶିକ୍ଷଣ ଶିବିର

କେନ୍ଦୁଝର,୩।୧୨(ଡି.ଏନ୍.ଏ)

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ପ୍ରାଦେଶିକ ଶିଶୁବାଟିକା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସଂଘ ଚାଳକ କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବରେ ଶିକ୍ଷା ବିକାଶ ସମିତି ଉପସଭାପତି ଗାୟିତ୍ରୀ ବାହିନୀପତି, ଅନ୍ୟତନ ଅତିଥିଭାବେ ପ୍ରାନ୍ତ ଶିଶୁବାଟିକା ସଂଯୋଜକ ପ୍ରଦୀପ ମଲ୍ଲିକ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. କାର୍ତ୍ତିକଚନ୍ଦ୍ର ମିଶ୍ର, ଉପ-ସଭାପତି ଇଂ ହରମୋହନ ପଟ୍ଟନାୟକ ଓ ସମ୍ପାଦକ ରବିନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ୧ ମାସ ଧରି ଚାଲିବାକୁ ଥିବା ଉକ୍ତ ପ୍ରଶିକ୍ଷଣରେ ଓଡ଼ିଶାର ବିଭିନ୍ନ ଶିଶୁ ମନ୍ଦିରରୁ ପ୍ରାୟ ୭୧ ଜଣ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ବିଜୟିନୀ ଦେବୀ ପ୍ରମୁଖ ସହଯୋଗ କରିଥିଲେ।

## ୨ ମନ୍ଦିରରୁ ଚୋରି

ସିମୁଳିଆ, ୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ଦେବୀ ଦୁର୍ଗା ମା'ଭଗିଆଶୁଣୀ ଓ ମହାଦେବ ରୂପେ ପୂଜା ପାଉଥିବା ବାବା ଭୋଗେଶ୍ୱରଙ୍କ ମନ୍ଦିରରୁ ଚୋରି ହୋଇଛି। ଗତ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ଗ୍ରୀଲର ତାଲା ଓ ପରେ ମନ୍ଦିର କବାଟ ତାଲା ଭାଙ୍ଗି ବିଭିନ୍ନ ସୁନା ଓ ରୁପା ଅଳଙ୍କାର ସମେତ ଦୁଇଟି ମୁକୁଟ ଓ ଦୁଇଟି ମନ୍ଦିରର ଦାନ ବାକ୍ସରୁ ପ୍ରାୟ ୫ହଜାର ଟଙ୍କା ଚୋରି କରିନେଇଛନ୍ତି। ସକାଳେ ସ୍ଥାନୀୟବାସିନ୍ଦା ମନ୍ଦିର ତାଲା ଭଙ୍ଗା ଯାଇଥିବା ଦେଖି ପୂଜକ ସୂର୍ଯ୍ୟମଣୀ ପତ୍ରୀ ଓ ଜଗା ପଣ୍ଡାଙ୍କୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୂର୍ବରୁ ଲଗାତର ଏହି ମନ୍ଦିରରୁ ୩ ଥର ଚୋରି ହୋଇଯାଇଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ।

## 'କବିତା ନବ ବିପ୍ଳବର ବାର୍ତ୍ତା ଦିଏ'


ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

ଭଦ୍ରକ ଅଫିସ,୩।୧୨

ବିଶ୍ୱଯୁଦ୍ଧର ପ୍ରଭାବ, ଶିଳ୍ପ ସଭ୍ୟତାର ଅଭ୍ୟୁଦୟ, ବିଜ୍ଞାନର ଆବିଷ୍କାର ଆଦି ପୃଷ୍ଠଭୂମିରେ ଓଡ଼ିଆ କବିତାର ଆଙ୍ଗିକ ଓ ଆତ୍ମିକରେ ବ୍ୟାପକ ପରିବର୍ତ୍ତନ ଘଟିଛି। କବିତା ନବ ବିପ୍ଳବର ବାର୍ତ୍ତା ପ୍ରଦାନ କରିବା ସହ ମଣିଷର କଥା କହେ ବୋଲି ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ଭଦ୍ରକ ପୁସ୍ତକ ମେଳାର ୯ମ ସନ୍ଧ୍ୟାରେ ଶନିବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଶିଶୁସାହିତ୍ୟ ଗବେଷକ ଡ. ମନୀନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ମନୋଜ ପାତ୍ର, ଡା. ରଣଜିତ୍ ଖଟୁଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ ମହାନ୍ତି, ମନୋରଞ୍ଜନ ଦାସ,

### ଭଦ୍ରକ ପୁସ୍ତକ ମେଳାର ୯ମ ସନ୍ଧ୍ୟା

କରୁଣାକର ବେହୁରିଆ, କବି ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟିକଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଞ୍ଜନ ରାୟଙ୍କ ପୁସ୍ତକ 'ଆଧୁନିକ ସାହିତ୍ୟ ଓ କବିତା', ବଂଶୀଧର ଖୁଣ୍ଟିଆଙ୍କ 'ଶହୀଦଙ୍କ ଗାଁ', ଦେବେନ୍ଦ୍ର ନାଥ ଧନୀଙ୍କ 'ବିଶ୍ୱାବସୁର ବିଶ୍ୱପତି' ଓ ଯୁଧିଷ୍ଠିର କୁଅଁରଙ୍କ 'ପ୍ରୀତି ଶତକ' ଲୋକାର୍ପଣ କରାଯାଇଥିଲା। ବିଭିନ୍ନ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଅନୀଲ କୁମାର ଦାଶ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ କବି ସତ୍ୟପ୍ରକାଶ ସେଠୀ ଅତିଥି ପରିଚୟ ଓ ଅଧ୍ୟାପକ ଦତ୍ତାତ୍ରେୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକ ବିହାରୀ ରାୟ, ଉପସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଡ. ଅଭୟ କୁମାର ଦାସ, ଅଧିବକ୍ତା ଗଦାଧର ବଳ, ସମୀର ଦାସ, ରାଜେଶ ଦାସ, ବାବୁଲାଲ ଦାସ, ଶ୍ରୀହର୍ଷ ସ୍ୱାଇଁ, କବି ଚର୍ଚ୍ଚିକା ମହାପାତ୍ର, ଦୁଃଶାସନ ମହାନ୍ତି, ପ୍ରବୀର ଜେନା, ଅଧ୍ୟାପକ ଗୋଲକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କମିଟି ସମ୍ପାଦକ ବସନ୍ତ କୁମାର ମହାନ୍ତିଙ୍କ ସଞ୍ଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୌରାଙ୍ଗ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

ବନ୍ତ,୩।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ନିଲୋକ ବଜାରରେ ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତି ଓ ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ସେଠୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସର ତନାଘନା ଜାରି ରହିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଧାନପଡ଼ା ଅଞ୍ଚଳର ସେକ୍ ରଏବର ଅଲ୍ଲୀ। ପ୍ରକାଶ ଯେ, ଗୁରବାର ସନ୍ଧ୍ୟାରେ ବନ୍ତ, ପଧାନପଡ଼ା ଓ ବସନ୍ତିଆ ଅଞ୍ଚଳର ଶତାଧିକ ବ୍ୟକ୍ତି ମାରଣାସ୍ତ୍ର ଧରି ନିଲୋକ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ପାଖରେ ପହଞ୍ଚି ଅଶୋକଙ୍କ ସମେତ ସରପଞ୍ଚ ପ୍ରତିନିଧି ସେଠୀଙ୍କୁ ଗାଳିଗୁଲଜ ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ତାଙ୍କ ପାଖରୁ କାଗଜପତ୍ର, ୨୦ ହଜାର ଟଙ୍କା ଓ ସୁନାଚେନ୍ ଛଡ଼ାଇ ନେଇଥିଲେ। ଏନେଇ ଶୁକ୍ରବାର ଅଶୋକଙ୍କ ଅଭିଯୋଗ କ୍ରମେ ବନ୍ତ ଥାନା ପୋଲିସ ଏକ ମାମଲା (ନଂ.୧୯୮/୨୨) ମାମଲା ରୁଜୁ କରିଥିଲା।

## 'ସେଲ୍ଫ ଷ୍ଟଡି ବିବରଣୀର ପ୍ରଭାବୀ ପ୍ରସ୍ତୁତି' କର୍ମଶାଳା

ବାଲେଶ୍ୱର ଅଫିସ, ୩।୧୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ ଦ୍ୱାରା ମୂଲ୍ୟାୟନ ଓ ସ୍ୱୀକୃତି ନିମିତ୍ତ 'ସେଲ୍ଫ ଷ୍ଟଡ଼ି ବିବରଣୀର ପ୍ରଭାବୀ ପ୍ରସ୍ତୁତି' ବିଷୟକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, କାର୍ଯ୍ୟକ୍ରମ ସଂଯୋଜକ



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ପ୍ରଫେସର ସଚିଦାନନ୍ଦ ଦେହୁରୀ, ସହ ସଂଯୋଜକ ଡ. ଏଲ୍ଲା ପଣ୍ଡିତ, ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦର ଉପଦେଷ୍ଟା ପ୍ରଫେସର ଅମୀୟ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ବିଭାଗ ମୁଖ୍ୟ, ଅଧ୍ୟାପକ ଓ କର୍ମଚାରୀ ବୃନ୍ଦଙ୍କୁ ଏସ୍‌ଏସ୍‌ଆର୍ ନିମିତ୍ତ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।

## 'ଗୁଣାତ୍ମକ ଶିକ୍ଷାର ବିକାଶ ନିମିତ୍ତ ନାକ୍ ମୂଲ୍ୟାୟନ ଜରୁରୀ'

ରୂପସା, ୩।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପସା ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଇକ୍ୟୁଏସି ଆନୁକୂଲ୍ୟରେ ଜାତୀୟ ମୂଲ୍ୟାୟନ ଓ ନିର୍ଦ୍ଧାୟକ ପରିଷଦ ପ୍ରସ୍ତୁତି (ନାକ୍) ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ ବେହେରଙ୍କ ଅଧ୍ୟକ୍ଷତାରେ ଗଭର୍ଣ୍ଣିଂ ବଡ଼ିର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଜାତୀୟ ମୂଲ୍ୟାୟନ ଓ ନିର୍ଦ୍ଧାୟକ ପରିଷଦ (ନାକ୍)ର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ନାକ୍ ସଂଯୋଜକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ଚନ୍ଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ସତ୍ୟେନ୍ଦ୍ର ପାଲ ନାକ୍ ମୂଲ୍ୟାୟନର ବିଭିନ୍ନ ବିଭାଗ ଉପରେ ଆଲୋକପାତ କରିଥିଲେ।

ମୁଖ୍ୟଅତିଥି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି, ସମ୍ମାନିତ ଅତିଥି ଶିକ୍ଷା ପରାମର୍ଶଦାତା ପ୍ରଫେସର ପ୍ରଦୀପ ବେହେରା ଓ ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ପ୍ରଫେସର ପବିତ୍ରମୋହନ ନନ୍ଦ ପ୍ରମୁଖ ଯୋଗଦେଇ ଡିଗ୍ରୀ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ନିମିତ୍ତ ନାକ୍ ମୂଲ୍ୟାୟନ ଏକାନ୍ତ ଜରୁରୀ ବୋଲି କହିଥିଲେ। ନାକ୍ ଉପଦେଷ୍ଟା ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର, ନୀଳିମା ପାତ୍ର, ପ୍ରାକ୍ତନ ନାକ୍ ସଂଯୋଜକ ଡ. ଆଶିଷ ଦାସ, ପ୍ରଶାସନିକ ଅଧିକାରୀ ସରୋଜ ପାଣି, ପୁରାତନ ଛାତ୍ର ସଂସଦ ସଭାପତି ଜୟନ୍ତ ପାଣିଗ୍ରାହୀ, ସମ୍ପାଦକ ବାଞ୍ଛାନିଧି ଦେ ଓ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କଲେଜ ନାକ୍ କମିଟି ସଦସ୍ୟ ଡ. ତପନ ଦାସ, ଡ. ଶାନ୍ତନୁ ଜେନା, ଲାଖିରାମ ହାଁସଦା, ରୋଜାଲିନ ସ୍ୱାଇଁ, ଇତିଶ୍ରୀ ମହାନ୍ତ, ଛାତ୍ର ଯଜ୍ଞେଶ୍ୱର ଗିରି ଓ ଛାତ୍ରୀ ବୈଶାଖୀ ପାଢ଼ୀ ପ୍ରମୁଖ ବିଭାଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଅର୍ଦ୍ଧେନ୍ଦୁ କୁମାର ଦାଶ, ବିଜୟ କୁମାର ବେହେରା, ଶମ୍ଭୁନାଥ ଗିରି ପ୍ରମୁଖ ପରିଚାଳନା କରିଥିଲେ।

## ୧୦୦ରୁ ଊର୍ଦ୍ଧ୍ୱ ଗୋରୁ ପାଳୁଛନ୍ତି ଅଭିମନ୍ୟୁ

- ପେସାରେ ଅଧ୍ୟାପକ ନିଶା ଗୋସେବା
- ରାଷ୍ଟ୍ରପତିଙ୍କଠାରୁ ହୋଇଛନ୍ତି ପୁରସ୍କୃତ

ବୀର କିଶୋର ଦାଶ
ପାଟଣା,୩।୧୨

କର୍କଟ ରୋଗ ଉପରେ ଗବେଷଣା ଓ ଥେସିସ୍ ଲେଖି ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଅଧ୍ୟାପକ ଭାବେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ମଧ୍ୟ କରୁଛନ୍ତି। ମାତ୍ର ଆଜିର ସମାଜରେ ଚାକଚକ୍ୟ ଜୀବନ ଯାପନ କରିବା ବଦଳରେ ସେ ଗୋସେବାରେ ନିଜକୁ ଉତ୍ସର୍ଗ କରି ଉଦାହରଣ ପାଲଟିଛନ୍ତି। ପେସା ଅଧ୍ୟାପନା ହୋଇଥିଲେ ମଧ୍ୟ ନିଶା ତାଙ୍କର ଗୋସେବା। ଏଭଳି ଜଣେ ଅନନ୍ୟ ମଣିଷ ହେଲେ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ସିଲିପଦା ଗାଁ ହୁଡ଼ିସାହିର ଅଧ୍ୟାପକ ଡ. ଅଭିମନ୍ୟୁ ମହାନ୍ତ।

ଗୋଶାଳା ପାଇଁ ବାପା ନିରାକାର ମହାନ୍ତ ଓ ମା' ଖଡ଼ିକି ମହାନ୍ତ(୮୪)ଙ୍କଠାରୁ ପ୍ରେରଣା ପାଇ ସିଲିପଦା ଗାଁ ହୁଡ଼ିସାହିରେ ନିଜସ୍ୱ ୮ ଏକର ୩୪ ଡେସିମିଲ ଜମିରେ ଗୋଶାଳା କରିଛନ୍ତି। ଗୋରୁଙ୍କ ଚରିବା ପାଇଁ ଘାସ ଚାଷ ଓ ପାଣି ପିଇବା ପାଇଁ ପୁଷ୍କରିଣୀ ଖୋଳାଇଛନ୍ତି। ପ୍ରତ୍ୟେକ ଦିନ


ଗୋରୁ ଗୋଠ ନିକଟରେ ଅଭିମନ୍ୟୁ।

ସକାଳୁ ଗୋରୁମାନଙ୍କ ଖାଇବା ପାଇଁ ଦେଢ଼ ଏକର ଜମିରେ କରିଥିବା ଘାସଚାଷ ଜମିରୁ ନିଜେ ଘାସ କାଟି ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି । ଘରେ ତାଙ୍କ ମା' ରଖିଥିବା ୨ ଗାଈଙ୍କ ଯତ୍ନ ନେବାରେ ଗୋବଂଶ ବୃଦ୍ଧି ଘଟି ଏବେ ଏହା ୭୦ ଗାଈ, ୧୨ ବାଛୁରି ଓ ୨୦ ବଳଦରେ ପହଞ୍ଚିଛି। ସେ କେବେ ଗାଈଙ୍କଠାରୁ ଦୁଗ୍ଧ ବାହାର କରନ୍ତିନାହିଁ କି ଗୋରୁ ବିକ୍ରି କରିନାହାନ୍ତି। ଗୋସେବାରେ ତାଙ୍କ ବୁଢ଼ୀମା ସହାୟତା କରୁଛନ୍ତି। ଗୋ ବଂଶ ବୃଦ୍ଧି ଓ ଗୋ-ସୁରକ୍ଷା ପାଇଁ ତାଙ୍କର ଉଦ୍ୟମ ଜାରି ରହିଛି ବୋଲି ଅଭିମନ୍ୟୁ କହିଛନ୍ତି। ମୟୂରଭଞ୍ଜ ଜିଲା ସିଙ୍ଗେଡା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ଅଧ୍ୟାପକ ସେ ଭାବେ କାର୍ଯ୍ୟ କରୁଛନ୍ତି। କର୍କଟ ରୋଗ ଉପରେ ଗବେଷଣା ଆଉ ଥେସିସ ଲେଖି ୨୦୧୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ଡକ୍ଟରେଟ୍ ଡିଗ୍ରୀ ପାଇଛନ୍ତି। ବିଭିନ୍ନ ଆନ୍ତଃଜାତୀୟ ଜର୍ନାଲରେ ତାଙ୍କର ୨୫ରୁ ଊର୍ଦ୍ଧ୍ୱ ନିବନ୍ଧ ସ୍ଥାନ ପାଇ ଉଚ୍ଚ ପାଠକୀୟ ଆଦୃତି ଲାଭ କରିଛି। ୫୨ ବର୍ଷ ଅତିକ୍ରାନ୍ତ କରିଥିଲେ ମଧ୍ୟ ସେ ବିବାହ କରିନାହାନ୍ତି। ବିବାହ ସମ୍ପର୍କରେ ପଚାରିବାରୁ ମା-ବାପାଙ୍କ ପରେ ଜଗଦ୍ ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀଙ୍କଠାରୁ ପ୍ରେରଣା ପାଇଛନ୍ତି। ନିଷ୍ପାପ ପ୍ରାଣୀଙ୍କ ସେବାରେ ଚିର କୁମାର ରହି ବାକି ଜୀବନ ବିତାଇ ଦେବେ ବୋଲି କହିଥିଲେ। ସମାଜରେ ଜଣେ ଲବ୍ଧ ପ୍ରତିଷ୍ଠିତ ପ୍ରାଣୀବିଜ୍ଞାନ ଅଧ୍ୟାପକ ହୋଇ ଗୋସେବାରେ ବ୍ରତୀ ହୋଇଛନ୍ତି। ସେ ଆଜିର ଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ବୋଲି ସାହାରପଡ଼ା ବ୍ଲକ୍ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଅଧିକାରୀ ଡ. ଅନଙ୍ଗ ଦାସ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@କାହ୍ନା



@ସ୍ମୃତିରେଖା



@ଜଗବନ୍ଧୁ

ସେଲ୍ଫିସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# କର୍ମୀ, ସହାୟିକାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୧୧ ଦିନରେ



ଆନ୍ଦୋଳନରେ ସାମିଲ ହୋଇଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା।

**ଧାମନଗର, ୩।୧୨ (ଡି.ଏନ.ଏ.)**

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ୮ ଦଫା ଦାବି ନେଇ ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଶନିବାର ୧୧ ଦିନରେ ପହଞ୍ଚିଛି। କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା ୫ ଲକ୍ଷ ଓ ପେନ୍‌ସନ ମାସିକ ୫ ହଜାର, ମିନି ଅଙ୍ଗନୱାଡିକୁ ଉଚ୍ଛେଦ କରି ମୁଖ୍ୟ ଅଙ୍ଗନୱାଡି କର୍ମୀ ମାନ୍ୟତା, କାର୍ଯ୍ୟରତ ବେଳେ ମୃତ୍ୟୁ ଘଟିଲେ ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ସହ ପରିବାରର ଜଣକୁ ଚାକିରି ଆଦି ବିଭିନ୍ନ ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଭାନେତ୍ରୀ ଜାନକୀଲତା ଦାସ, ସମ୍ପାଦିକା ଜୟନ୍ତୀ ଜେନା, ମଞ୍ଜୁଲତା ସେଠୀ, ତେହେରା ଖାତୁନ, ସମିମା ତରୁନ, ମଧୁସ୍ମିତା ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ଏହି ଆନ୍ଦୋଳନ ଯୋଗୁ ବ୍ଲକରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହେବା ସହ କୋମଳମତି ପିଲାମାନେ ଖାଦ୍ୟରୁ ବଞ୍ଚିତ ହୋଇଛନ୍ତି।

**ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ଠପ୍**

# ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ ସମ୍ବର୍ଦ୍ଧିତ

**ମୋରଡା,୩।୧୨(ଡି.ଏନ.ଏ.)**



ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତ ଅନ୍ତର୍ଗତ ନିତୁଆପଦା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ଗୁରୁ ତ୍ରିଲୋଚନ ମହାନ୍ତ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ତାଙ୍କୁ ନିତୁଆପଦା ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିତୁଆପଦା ବଜାରରୁ ତାଙ୍କୁ ଏକ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇଥିଲା। ତାଙ୍କ କୃତିତ୍ୱ ଛଉ କଳାକାରଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବ ବୋଲି ଛଉ ଛାଉଣୀ ସଦସ୍ୟ ବିଭୁଦତ୍ତ ଦାସ କହିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ଅନୁଷ୍ଠାନର ସଭାପତି ଉମେଶଚନ୍ଦ୍ର ମହାନ୍ତ, ସମ୍ପାଦକ ହରିପଦ ମହାନ୍ତ, ଛୋଟଲାଲ ମହାନ୍ତ, ଚୈତନ୍ୟ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ପୀତାମ୍ବର ମହାନ୍ତ, ସତ୍ୟରଞ୍ଜନ ଚିପିରିଆ, ଦେବବ୍ରତ ମହାନ୍ତ, ପ୍ରାଣକୃଷ୍ଣ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ବିଜୟ କୁମାର ବିନ୍ଧାଣୀ, ପୂର୍ବତନ ସରପଞ୍ଚ ସ୍ୱରୂପ ସୋରେନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକ ପକ୍ଷରୁ ଭଙ୍ଗାଗଲା ଏଏନ୍‌ଏମ୍ କେନ୍ଦ୍ର

**ଔପଦା, ୩।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସମ୍ମୁଖରେ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ତଳକିଆ ଏଏନ୍‌ଏମ୍ କେନ୍ଦ୍ରକୁ ବ୍ଲକ ପ୍ରଶାସନ ତରଫରୁ ଭାଙ୍ଗି ଦିଆଯାଇଛି। ଏହି ପରିତ୍ୟକ୍ତ ଏଏନ୍‌ଏମ୍ କେନ୍ଦ୍ରରୁ ଦୁର୍ବୃତ୍ତଙ୍କ ଦ୍ୱାରା ଅନେକ ସମୟରେ ଲୁଟ୍ ଚାଲିଥିବା ବେଳେ ଘଟଣା ସମ୍ପର୍କରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ସରକାର ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ବ୍ଲକ ସଦର ମହକୁମାରେ ସ୍ୱାସ୍ଥ୍ୟସେବା ପାଇଁ ତଳକିଆ ଏଏନ୍‌ଏମ୍ କେନ୍ଦ୍ର ଖୋଲାଯାଇଥିଲା। ତେବେ ବ୍ଲକସ୍ତରୀୟ ଥିବା ଏଏନ୍‌ଏମ୍ କେନ୍ଦ୍ର ଗଡ଼ସାହି, ଅଘିରାପଦା, ବଡ଼ପୋଖରୀ, ଫତେପୁର ଓ ପ୍ରତାପପୁର ପାଇଁ ସରକାରୀ ଅର୍ଥ ଆସିଥିବା ବେଳେ ଏହି କେନ୍ଦ୍ରଗୁଡ଼ିକ ମଧ୍ୟରୁ କେତୋଟି କେନ୍ଦ୍ରର ଗୃହ ନିର୍ମାଣ ହୋଇଥିବା ଜଣାଯାଇଛି। ହେଲେ ବ୍ଲକ ସଦରରେ ଥିବା ତଳକିଆ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ ନ ଥିବା ଜଣାଯାଇଛି। ଏହି ତଳକିଆ କେନ୍ଦ୍ରର ଗୃହକୁ ଭାଙ୍ଗି ଦିଆଯିବା ପରେ ସେଠାରେ ନୂତନ କେନ୍ଦ୍ର ନିର୍ମାଣ ହେବ ନା ନାହିଁ ସାଧାରଣରେ ପ୍ରଶ୍ନ ଉଠୁଛି। ଏଏନ୍‌ଏମ୍ କେନ୍ଦ୍ର ଭଙ୍ଗା ଯିବା ସମ୍ପର୍କରେ ବିଡିଓ ଅଭିଷେକ ଦାଶ କହିଛନ୍ତି, କେନ୍ଦ୍ର ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଭାଙ୍ଗି ଦିଆଯାଇଛି। କେନ୍ଦ୍ର ପାଇଁ ଅର୍ଥ ଆସିଲେ ଏଠାରେ କିମ୍ବା ଅନ୍ୟତ୍ର ନିର୍ମାଣ ହେବ। କେନ୍ଦ୍ରରୁ ବାହାରିଥିବା ବିଭିନ୍ନ ପ୍ରକାର ଜିନିଷକୁ ନିଲାମ କରାଯାଇ ତାର ଅର୍ଥ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡ. କୈଳାଶ ଚନ୍ଦ୍ର ବେହେରା କହିଛନ୍ତି, ପରିତ୍ୟକ୍ତ କେନ୍ଦ୍ରକୁ ଭାଙ୍ଗିବା ଜରୁରୀ ଥିଲା। ଅର୍ଥ ଆସିଲେ କେନ୍ଦ୍ର ନିର୍ମାଣ ହେବ, କେନ୍ଦ୍ରର ଗୃହ ପାଇଁ ଉଚିତ୍ ଜାଗା ଚିହ୍ନଟ କରି ହସ୍ତାନ୍ତର କଲେ ସେଠାରେ କେନ୍ଦ୍ର ନିର୍ମାଣ ହେବ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦାୟିତ୍ୱ ଦେବାକୁ ନେଇ ବିବାଦ

**କେନ୍ଦୁଝର,୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଂସ୍କୃତି ଭବନଠାରେ ଗତ ୨୮ ତାରିଖରେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲାର ୯ ଗୋଟି ପୌରପରିଷଦର ୫୨ଜଣ ଜଳସାଥିଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରର ପରିଚାଳନା ଦାୟିତ୍ୱରେ କେନ୍ଦୁଝରଗଡ଼ ପୌରପାଳିକାର କର୍ମଚାରମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଗତ ମାର୍ଚ୍ଚରେ ଅବସର ନେଇଥିବା କର୍ମଚାରୀ ଶିଶିର ଦାସଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଥିଲା। କେନ୍ଦୁଝରଗଡ଼ ପୌରପାଳିକାର ଚିଠି ନଂ. ୮୮୭୨, ୨୫ ନଭେମ୍ବର ୨୦୨୨ରେ ଏହି ଚିଠି କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାରୀ କାର୍ଯ୍ୟକ୍ରମ ପରିଚାଳନାର କରିବାର ନେଇ ତଦନ୍ତ ଜରୁରୀ ବୋଲି ପୂର୍ବତନ ପୌରାଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ କହିଛନ୍ତି। ବହୁ କାଉନ୍‌ସିଲର ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

# ବିଜ୍ଞାନମେଳାରେ ୪୦ ପ୍ରକଳ୍ପ

**ବନ୍ତ,୩।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ଏକାଡେମିକ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଅତିଥି ଭାବେ ସାମାଜିକ କର୍ମୀ ଅଶୋକ କୁମାର ସେଠୀ, ଶାନ୍ତିସ୍ୱରୂପ ମିଶ୍ର ଓ ବିଜୟ ବିକ୍ରମ ସାମଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷ ବସନ୍ତ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ପରିଚାଳନା ନିର୍ଦ୍ଦେଶକ ଦୈତାରୀ ପତି ଉପସ୍ଥିତ ଥିଲେ। ଶିକ୍ଷକ ମାନସ ଜେନା, ଦିଲୀପ ନାୟକ, ସୁନୀଲ ସାହୁ, ସଲିମ ଅଲ୍ଲୀ, ହିମାଂଶୁ ପ୍ରଧାନ, ଚିନ୍ମୟ ଦାସ, ପ୍ରସନ୍ନ ବିଶ୍ୱାଳ, ଶୁଭଲକ୍ଷ୍ମୀ ଜେନା, ତପସ୍ୱିନୀ ପାତ୍ର, ହୋଲି ପଣ୍ଡା ଓ ବିନିତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତୁରୁମୁଙ୍ଗା ମାର୍କେଟରେ ଜୈବିକ ଉତ୍ପାଦକ ଷ୍ଟଲ

**ପାଟଣା,୩।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ମାର୍କେଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାରେ ଜୈବିକ ଷ୍ଟଲ ଖୋଲାଯାଇଛି। ଏଥିରେ ଜୈବିକ ସାର ପ୍ରୟୋଗରେ ଉତ୍ପାଦିତ ପନିପରିବା ବିକ୍ରି ହେଉଛି। ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନ ପକ୍ଷରୁ ଷ୍ଟଲ୍ ଖୋଲାଯାଇଥିବା ବେଳେ ମୁଖ୍ୟ ଅତିଥିଭାବେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଜାର କମିଟି ସଭାପତି ତାପସ ସାହୁ ଯୋଗଦେଇ ଜୈବିକ ସାରରେ ଉତ୍ପାଦିତ ପନିପରିବା ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ତୁରୁମୁଙ୍ଗା ସିଂହ ବାହିନୀ ଫାର୍ମରର ସଦସ୍ୟଙ୍କୁ ଜୈବିକ ସାର ତିଆରି ପ୍ରଣାଳୀ ଏବଂ ଉକ୍ତ ସାରରେ ଚାଷ କରିବାପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଷ୍ଟଲରେ ଉପଲବ୍ଧ ପନିପରିବା ଦୈନିକ ମାର୍କେଟ ରେଟ୍‌ରୁ କମ ଦରରେ ମିଳିବ ବୋଲି ପ୍ରଦାନର ବ୍ଲକ୍ ସଂଯୋଜକ ଚନ୍ଦ୍ରମଣି ଶବର କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଦାନ ପକ୍ଷରୁ ପ୍ରୀତି ନନ୍ଦ, ବୋର୍ଡ ମେମ୍ବର ପୁଷ୍ପମଞ୍ଜରୀ ମହାନ୍ତ, ଏସଏମଏସ ଅମିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ତାର ବିଛାଇ ୪ ଗିରଫ

**କେନ୍ଦୁଝର, ୩।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଦେଉଳଡ଼ିହା ଗ୍ରାମ୍ୟ କାଜୁ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ଶିକାର ଉଦ୍ୟମ କରୁଥିବା ୪ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ମଣ୍ଟୁ ବିନ୍ଧାଣୀ, ଟିକନ ପ୍ରଧାନ, ଚିକୁନ ପ୍ରଧାନ, ବାଇଧର ମହାକୁଡ଼ ବୋଲି ଡିଏଫଓ ଏଚ୍‌ଡି ଧନରାଜ ସୂଚନା ଦେଇଛନ୍ତି।































